## ସଂକ୍ଷେପରେ

### ଟ୍ରକ ଧକ୍କାରେ ଜଣେ ଗୁରୁତର

ବଇଣ୍ଡା,୨୩।୬(ଡି.ଏନ.ଏ.)- ହଣ୍ଡପା ଥାନା ଧଉରାଗୋଠ ଗ୍ରାମରେ ରବିବାର ସକାଳେ ଏକ ଶଗଡ଼କୁ ପଛପଟୁ ଏକ ଟ୍ରକ ଧକ୍କା ଦେଇଛି। ଫଳରେ ଶଗଡ଼ରେ ବସିଥିବା ଧଉରାଗୋଠ ଗ୍ରାମର ସାନନ୍ଦ ନାୟକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପୋଲିସ କହିଛି, ସାନନ୍ଦ ଶଗଡ଼ରେ ଯାଉଥିବାବେଳେ ବଇଣ୍ଡାରୁ ବିଲେଇନାଳୀ ଅଭିମୁଖେ ଯାଉଥିବା ଏକ ଟ୍ରକ(ନଂ. ଓଆର୧୯ଏଲ୧୨୯୮)ତାଙ୍କୁ ଧକ୍କା ଦେଇଥିଲା। ଖବରପାଇ ହଣ୍ଡପା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ଏ ନେଇ ନଂ. ୧୦୮/୧୯ରେ ଏକ ମାମଲା ରୁଜୁ କରାଯାଇଛି।

### କଣ୍ଟେନର ଲୁଟ୍ ଉଦ୍ୟମ ବିଫଳ



ଅନୁଗୋଳ ଅଫିସ,୨୩।୬- ଅନୁଗୋଳ ସହର ଉପକଣ୍ଠ ମୃଷାପାପୁଲି ଠାରେ ଶନିବାର ବିଳମ୍ବିତ ରାତିରେ ଏକ ଟାୟାର ବୋଝେଇ କଣ୍ଟେନର (ନଂ.ଏନ୍ଏଲ୦୧କେ୫୫୫୩) ଚୋରି ଉଦ୍ୟମ ବିଫଳ ହୋଇଛି। କେତେଜଣ ଦୁର୍ବୃତ୍ତ କଣ୍ଟେନରକୁ ଅଟକାଇ ଡ୍ରାଇଭରଙ୍କୁ ମାଡ଼ମାରିବା ସହ ଲୁଟ୍ ଉଦ୍ୟମ କରିଥିଲେ। ତେବେ ସ୍ଥାନୀୟ ଲୋକ ଏହା ଦେଖି ଅନୁଗୋଳ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ପଳାଇ ଯାଇଥିଲେ। ପରେ କଣ୍ଟେନର ଚାଳକ ବିନ୍ଦିରେସ ଯାଦବଙ୍କୁ ପୋଲିସ ଥାନାକୁ ଆଣି ପଚରା ଉଚରା ଚଳାଇଛି।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୨୩।୬(ଡି.ଏନ.ଏ)- ହଣ୍ଡପା ପୋଲିସ ଶନିବାର ରାତିରେ ନୂଆଁ ଅଶ୍ବବାହାଳ ଗ୍ରାମରେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ରସାନନ୍ଦ ପ୍ରଧାନଙ୍କୁ ଗିରଫ କରିଛି। ତାଙ୍କ ନାମରେ ପୂର୍ବରୁ ମାମଲା ଥିବାବେଳେ ଦୀର୍ଘଦିନ ଧରି ଫେରାର ଥିଲେ। ଘରେ ଥିବା ଖବରପାଇ ହଣ୍ଡପା ଆଇଆଇସି ଲବ ବୋଡ଼ା ଚଢାଉ କରି ଗିରଫ କରିଥିଲେ।

### ବଳାତ୍କାର ଉଦ୍ୟମ ଅଭିଯୋଗ, ଜଣେ ଗିରଫ

ତାଳଚେର,୨୩।୬(ନି.ପ୍ର.)- ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ କଲିଆରୀ ପୋଲିସ ରବିବାର ତାଳଚେର ପୌରାଞ୍ଚଳ ଡିମରଗୁଡି ସାହିର ପ୍ରତାପ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରତାପ ନାବାଳିକାଙ୍କୁ ଏକ ଆମ୍ବବଗିଚାକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଅଭିଯୋଗ କ୍ରମେ ଥାନାରେ ନଂ. ୧୮୮/୧୯ ଏକ ମାମଲା ରୁଜୁ ହୋଇଛି।

■ଜିଲା ପ୍ରଶାସନ କର୍ମଚାରୀଙ୍କ ବଦଳି ପ୍ରହସନ

# ଚୌକି ଛାଡୁନାହାନ୍ତି ପୁରୁଣା ବାବୁ

**ଅନୁଗୋଳ ଅଫିସ, ୨୩।୬**



■ଟ୍ରାନ୍ସଫର ପରେ ବି ଯାଉନାହାନ୍ତି

■ଡେପୁଟେଶନର କିଛି ଦିନ ପରେ ନିୟମିତ କରିଦିଆଯାଉଛି

■ଜିଲାପାଳ କହିଲେ ଫାଇଲ ମଗାଇ ଦେଖିବି

ଅନୁଗୋଳ ଜିଲା କାର୍ଯ୍ୟାଳୟରେ କାର୍ଯ୍ୟରତ ପୁରୁଣା ବାବୁଙ୍କ ଛାଡୁନି ଚୌକି ନିଶା। ଦୀର୍ଘ ବର୍ଷ ହେଲା ଗୋଟିଏ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଏହି ବାବୁମାନେ ବଦଳି ନିର୍ଦ୍ଦେଶ ମଧ ମାନୁନାହାନ୍ତି। ଆଉ ଏଥିରେ ସେମାନଙ୍କୁ ସହଯୋଗ କରୁଛନ୍ତି କେତେଜଣ ବରିଷ୍ଠ ଅଧିକାରୀ। କେବଳ ଲୋକ ଦେଖାଣିଆ ଭାବେ ବଦଳି ନିର୍ଦ୍ଦେଶ ଜାରି କରିଦିଆଯାଉଛି। ଏହା ପରେ ସେମାନଙ୍କୁ ପୁଣି ଡେପୁଟେଶନରେ ଆଣି ପରବର୍ତ୍ତୀ ସମୟରେ ନିୟମିତ କରାଯାଉଥିବା ଅଭିଯୋଗ ଆଣିଛନ୍ତି ଜିଲା କାର୍ଯ୍ୟାଳୟର କେତେଜଣ କର୍ମଚାରୀ। ଫଳରେ ଜିଲାରେ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ରହୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି।

କେତେଜଣ କର୍ମଚାରୀ ସେମାନଙ୍କ ନାମ ଗୋପନ ରଖି ଅଭିଯୋଗ ଆଣିଛନ୍ତି ଯେ, ୨୦୧୮ରେ ଜିଲା କାର୍ଯ୍ୟାଳୟ ସହ ଜିଲାରେ ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାମ କରୁଥିବା ଏକ ୪୦ ଜଣିଆ ସରକାରୀ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ ବାହାରିଥିଲା। ହେଲେ ସେମାନେ ବଦଳି ହୋଇଥିବା କାର୍ଯ୍ୟାଳୟକୁ ନ ଯାଇ ସେଠାରେ ହିଁ କାମ କରିଥିଲେ। ପରେ ସେମାନଙ୍କୁ ପୂର୍ବ ଅଫିସ୍‌କୁ ଡେପୁଟେଶନରେ ଡକା ଯାଇଥିଲା। ବାବୁମାନେ ବଦଳି ହୋଇଥିବା ଅଫିସ୍‌ରୁ ଟଙ୍କା ନେଉଥିଲେ ହେଁ ପୁରୁଣା ଅଫିସ୍‌ରେ ରହୁଥିଲେ। ଏହାର କିଛି ଦିନ ପରେ ଜିଲାରେ ୧୯ ଜଣ ବରିଷ୍ଠ କିରାଣି, ୯ ଜଣ କନିଷ୍ଠ କିରାଣି, ୮ ଜଣ ଆରଆଇ, ଜଣେ ଆସିଷ୍ଟାଣ୍ଟ ଆରଆଇ, ୩ ଜଣ ଅମିନଙ୍କ ଡେପୁଟେଶନକୁ ରଦ୍ଦ କରାଯାଇଥିଲା। କେତେଜଣ ବରିଷ୍ଠ ଅଧିକାରୀ ଏପରି କରାଉଥିବା ଅଭିଯୋଗ ହୋଇଛି। ଫଳରେ ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଏ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି। ଏହାର ତଦନ୍ତ କରିବାକୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି।

ଏ ସମ୍ପର୍କରେ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, କର୍ମଚାରୀଙ୍କ ଡେପୁଟେଶନ୍‌କୁ ରଦ୍ଦ କରି ଯିଏ ଯେଉଁ ସିଟ୍‌ରେ କାର୍ଯ୍ୟ କରୁଥିଲେ ସେମାନଙ୍କୁ ସେହି ସିଟ୍‌ରେ ଅବସ୍ଥାପିତ କରାଯାଇଛି। ପୂର୍ବରୁ କର୍ମଚାରୀଙ୍କ ବଦଳି ହୋଇଥିଲେ ମଧ ସେମାନେ ପୁରୁଣା ଅଫିସ୍‌ରେ କାର୍ଯ୍ୟ କରୁଥିବା ଜିଲାପାଳ ସ୍ୱୀକାର କରିଛନ୍ତି। ତେବେ ଯଦି ଏପରି ନିର୍ଦ୍ଦେଶ ନ ମାନିବା କିମ୍ବା ଅନିୟମିତତା ଅଭିଯୋଗ ଆସିଛି ଏହାର ଫାଇଲ ମଗାଇ ଯାଞ୍ଚ କରାଯିବ ବୋଲି ଜିଲାପାଳ କହିଛନ୍ତି।

# ଚା’ ଦୋକାନୀଙ୍କ ଝିଅ ଜିଲା ଟପ୍ପର

**ବନ୍ତଳା, ୨୩।୬ (ଡି.ଏନ.ଏ.)**



■ଆଇପିଏସ୍ ହେବାକୁ ଲକ୍ଷ୍ୟ

■ଆଗକୁ ପଢ଼ିବାକୁ ସହାୟତା ଲୋଡା

ପାଠ ପଢାରେ ଅର୍ଥାଭାବ ବାଧକ ସାଜିଥିଲେ ବି ପରିଶ୍ରମ ଦ୍ୱାରା ଏହାକୁ ଦୂରେଇ ସଫଳତା ପାଇପାରିଛନ୍ତି ଚା’ ଦୋକାନୀଙ୍କ ଝିଅ ମଧୁସ୍ମିତା ବେହେରା। ଯୁକ୍ତ ୨ କଳାରେ ସର୍ବାଧିକ ନମ୍ବର ରଖି ଅନୁଗୋଳ ଜିଲାରେ ଟପ୍ପର ହୋଇଛନ୍ତି ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମର ଏହି ଛାତ୍ରୀ। ଉଚ୍ଚ ଶିକ୍ଷା ପାଇଁ ଇଚ୍ଛା ଥିଲେ ବି ଅର୍ଥ ସମସ୍ୟା ପୁଣି ତାଙ୍କ ବାଟ ଓଗାଳିଥିବା ସେ ପ୍ରକାଶ କରିଛନ୍ତି। ବାପା ପଦ୍ମଚରଣ ବେହେରାଙ୍କ ଚା ଦୋକାନରୁ ଆୟ ଅର୍ଥ ପରିବାର ଚଳାଇବାକୁ ନିଅଣ୍ଟ ପଡୁଥିବାବେଳେ କିପରି ଅଧିକ ପାଠ ପଢିବେ ସେ ନେଇ ଚିନ୍ତାରେ ଥିବା ମଧୁସ୍ମିତା କହିଛନ୍ତି।

ମା ସୁଜାତା ବେହେରା କୁହନ୍ତି, ଝିଅ ଟପ୍ପର ହୋଇଥିବା ଜାଣି ଖୁସି ଲାଗୁଛି। ହେଲେ ଝିଅକୁ ଉଚ୍ଚ ଶିକ୍ଷିତ କରିବାକୁ ଅର୍ଥ ନାହିଁ। ସରକାରୀ ସହାୟତା ମିଳିଲେ ସେ ତା ଲକ୍ଷ୍ୟ ପୂରଣ କରିପାରନ୍ତା ବୋଲି ସୁଜାତା କହିଛନ୍ତି। ଏ ନେଇ ମଧୁସ୍ମିତା କହିଛନ୍ତି, ଆଗକୁ ଆଇପିଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛି। ହେଲେ ଏବେ ଯୁକ୍ତ ୩ରେ ନାମ ଲେଖାଇବକା ବି କଷ୍ଟକର। ପ୍ରଶାସନ ସହଯୋଗର ହାତ ବଢାଇଲେ ସେ ଆଗକୁ ପଢିପାରନ୍ତେ ବୋଲି କହିଛନ୍ତି।

■ଶୈଳଶ୍ରୀକ୍ଷେତ୍ର ପରିଚାଳନା ସମିତିର ସାଧାରଣ ସଭା

# ୨୦୧୯-୨୦ ବର୍ଷର ବଜେଟ ଅନୁମୋଦନ



ସଭାରେ ଉପସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ସଦସ୍ୟ ଓ ଅନ୍ୟମାନେ।

**ଅନୁଗୋଳ ଅଫିସ, ୨୩।୬**

ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ବାର୍ଷିକ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସ୍ଥାୟୀ ସଭାପତି ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜଗନ୍ନାଥ ମନ୍ଦିର ପରିସରରେ ଥିବା ବେଦଭବନ ଠାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ହେମନ୍ତ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୧୮-୧୯ ବର୍ଷର ଆୟବ୍ୟୟର ହିସାବ ସହ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବଜେଟ୍‌କୁ ବୈଠକରେ ମଧ ଅନୁମୋଦନ କରାଯାଇଥିଲା।

ମନ୍ଦିରର ମୋଟ ଆୟ ୫୬ ଲକ୍ଷ ୩୪ ହଜାର ୮ ଶହ ଟଙ୍କା ହୋଇଥିବାବେଳେ ମୋଟ ବ୍ୟୟ ୫୯ ଲକ୍ଷ ୪୨ ହଜାର ଟଙ୍କା ହୋଇଥିଲା। ଫଳରେ ୩ ଲକ୍ଷ ୭ ହଜାର ୨ଶହ ଟଙ୍କା ନିଅଣ୍ଟ ପଡିଥିଲା। ଏହାକୁ ଚଳିତ ବର୍ଷର ଆୟରୁ ରଖାଯିବ ବୋଲି ଜଣାଯାଇଛି। ଦାନ, ପାରିମାଣିକ ଦର୍ଶନ, ଗୁଣ୍ଡିଚା ମନ୍ଦିର, ବେଦଭବନ, ଭାଗବତ ମଣ୍ଡପ, ଦୋକାନ ଘର ପ୍ରଭୃତିରୁ ଆସିଥିବା ଭଡ଼ା, ଦକ୍ଷିଣା, ବାର୍ଷିକ ସଦସ୍ୟ ଚାନ୍ଦା, ରୋଷଘର, ଆନନ୍ଦ ବଜାର, ବ୍ୟାଙ୍କରୁ ମିଳୁଥିବା ସୁଧ, ସ୍ମରଣିକା ପ୍ରକାଶନ, ଦୋକାନ ଘର ପାଇଁ ଅମାନତ ପ୍ରଭୃତିରୁ ଆୟ ହୋଇଥିବାବେଳେ ଦୈନିକ ଦେବନୀତି, ପର୍ବ ପର୍ବାଣି, ପୂଜକ ଓ ସେବାୟତମାନଙ୍କ ଭତ୍ତା, ବୈଦ୍ୟୁତିକ ସାମଗ୍ରୀ ରକ୍ଷଣାବେକ୍ଷଣ, ଫୋନ୍ ବିଲ, ସ୍ମରଣିକା ପ୍ରକାଶନ, ମନ୍ଦିର ଜମିର ଖଜଣା, ରଥ ନିର୍ମାଣ ଓ ପାର୍ଶ୍ୱ ଦେବତାମାନଙ୍କ ଗଢଣ ଖର୍ଚ୍ଚ, ବିଭିନ୍ନ ନିର୍ମାଣ କାର୍ଯ୍ୟ ଓ ମରାମତି ପାଇଁ ବ୍ୟୟ ବରାଦ କରାଯିବା ସହ ଆୟ ବୃଦ୍ଧି ପାଇଁ ସମସ୍ତେ ଚିନ୍ତନ କରିବାକୁ ଅନୁରୋଧ କରାଯାଇଛି। ପରେ ସମିତିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସ୍ଥାୟୀ ସଭାପତି ଭାବେ ଜିଲାପାଳ ରହିଥିବାବେଳେ ୫ ଜଣ ଉପସଭାପତିଙ୍କ ମଧ୍ୟରୁ ପ୍ରଥମ ଉପସଭାପତି ଭାବେ ଆରକ୍ଷୀ ଅଧୀକ୍ଷକ ରହିବେ। ଅନ୍ୟ ଉପସଭାପତି ଭାବେ ଭବାନୀ ପ୍ରସାଦ ମିଶ୍ର, ଗଗନ ବିହାରୀ ନନ୍ଦ, ପରମାନନ୍ଦ ମିଶ୍ର, ଦିବାକର ସାହୁ, ସମ୍ପାଦକ ହେମନ୍ତ କୁମାର ଦାଶ, ଯୁଗ୍ମ ସମ୍ପାଦକ ଆନନ୍ଦ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭ୍ୟା ଓ ସଭ୍ୟ ଭାବେ ଦିଲୀପ କୁମାର ମହାନ୍ତି, ଜ୍ୟୋତିରଞ୍ଜନ ନନ୍ଦ, ସୂର୍ଯ୍ୟମଣି ଖୁଣ୍ଟିଆ, ରେଣୁବାଳା ଦାସ, ନୀଳମଣି ରାଉତ, ବିଜୟ କୁମାର ତ୍ରିପାଠୀ, ସୁଧାଂଶୁ ଶେଖର ଦାସ, ଭକ୍ତି ପ୍ରସାଦ ଦାସ, ଅକ୍ଷୟ କୁମାର ସାମନ୍ତ, କମଳ ଅଗ୍ରୱାଲା, ଜଗଦୀଶ ସରଳିଆ, ଅଭୟ କୁମାର ତ୍ରିପାଠୀ ପ୍ରମୁଖ ଚୟନ ହୋଇଛନ୍ତି।

# ସମାକୋଇ ସେତୁରେ ଜମୁଛି ପାଣି

**ପବିତ୍ରନଗର,୨୩।୬(ଡି.ଏନ.ଏ)**

କଣିହାଁ ବ୍ଲକ ତାଳଚେର-ପାଲଲହଡ଼ା ମୁଖ୍ୟ ରାସ୍ତାର ଗହମ ନିକଟରେ ସମାକୋଇ ନଦୀ ଉପରେ ଥିବା ସେତୁରେ ବର୍ଷା ହେଲେ ବହୁ ସ୍ଥାନରେ ପାଣି ଜମୁଛି। ଫଳରେ ଯାତାୟାତ ସମୟରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଥିବାବେଳେ ସେତୁ ଉପରୁ ବାଲି ସଫା ହେଉ ନ ଥିବା ଯୋଗୁ ଜମୁଥିବା ପାଣି ନିଷ୍କାସନ ହୋଇପାରୁନି। ଫଳରେ ସାମାନ୍ୟ ବର୍ଷା ହେଲେ ସେତୁ ଉପରେ ପାଣି ଲହଡି ମାରୁଛି। ଏଥିଯୋଗୁ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।



ସେତୁ ଉପରେ ପାଣି ଜମି ରହିଛି।

# ଦମ୍ପତିଙ୍କଠାରୁ ଅଳଙ୍କାର ଲୁଟ

**ଅନୁଗୋଳ ଅଫିସ, ୨୩।୬**

ଅନୁଗୋଳ ସହର ଉପକଣ୍ଠରେ ଥିବା ନତଡ଼ା ରାସ୍ତାରେ ରବିବାର ଏକ ଦମ୍ପତିଙ୍କ ଠାରୁ ଲୁଟ ହୋଇଛି। ଏକ ନମ୍ବର ବିହୀନ ବାଇକ୍‌ରେ ଆସି ଦୁଇ ଦୁର୍ବୃତ୍ତ ଆମ୍ବପାଳର ପ୍ରଦୀପ ସାହୁ ଓ ତାଙ୍କ ସ୍ତ୍ରୀଙ୍କଠାରୁ ସୁନା ଚେନ, ମଙ୍ଗଳସୂତ୍ର ଲୁଟ କରିଥିବା କଲିୟାରୀ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ଛାନଭିନ୍ କରିଥିଲେ ମଧ ଲୁଟେରାଙ୍କ କୌଣସି ସୁରାକ ପାଇନାହିଁ। ପ୍ରଦୀପ ଭରତପୁରରେ ଥିବା ସେଣ୍ଟ୍ରାଲ ମେଡିକାଲରୁ ସ୍ତ୍ରୀଙ୍କୁ ନେଇ ଫେରୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ପିଛା କରି ଲୁଟ୍ କରିଥିଲେ।

**UTKAL UNIVERSITY OF CULTURE**
SANSKRUTI VIHAR, AT/PO- MADANPUR
BHUBANESWAR-752054, DIST.- KHURDA, ODISHA
Phone: 0674-2972315
Email: chairmanpc.uuc@gmail.com, Website: www.uuc.ac.in
No. 926/UUC Date: 01.06.2019
CAD-48

**ADMISSION NOTIFICATION 2019-20**

Online applications are invited for admission to different Post Graduate and M.Phil Programmes of Utkal University of Culture, Sanskruti Vihar, Madanpur, Bhubaneswar for the Academic Session 2019-20, which can be made available from 01.07.2019 to 07.07.2019. For details regarding the courses, procedure of admission, admission dates, prospectus, etc., please visit the University website www.uuc.ac.in (Admissions-2019) from 01.07.2019 onwards. For further queries, please contact the Chairman, P.G. Council at: 0674-2972315 (office).

*Sd./- Prof. Jagannath Kuanr*
*Chairman, P.G. Council*

03005/11/0001/1920

■ଟିକସ ଫାଙ୍କିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବ

# ୭୯ ଜଣଙ୍କ ନାମରେ ହେବ ମାମଲା




■ଜିଲା ପ୍ରଶାସନକୁ ଚିଠି ଲେଖିଲେ ପୌର ଅଧିକାରୀ

■ସରକାରୀ କାର୍ଯ୍ୟାଳୟରୁ ଟଙ୍କା ଆଦାୟ ଦାବି

**ଅନୁଗୋଳ ଅଫିସ, ୨୩।୬**

ଅନୁଗୋଳ ପୌରାଞ୍ଚଳରେ ରହି ହୋଲ୍ଡିଂ ଟ୍ୟାକ୍ସ ଫାଙ୍କିଥିବା ୭୯ ଜଣଙ୍କ ନାମରେ ମାମଲା ରୁଜୁ ପାଇଁ ପ୍ରସ୍ତାବ ଦେଇଛି ପୌର ପ୍ରଶାସନ। ସେମାନଙ୍କ ବିରୋଧରେ ଏପରି ପଦକ୍ଷେପ ନେବାକୁ ପୌର କର୍ତ୍ତୃପକ୍ଷ ଜିଲା ପ୍ରଶାସନକୁ ଚିଠି ଲେଖିଥିବା ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ସୂଚନା ଦେଇଛନ୍ତି। ତେବେ ବହୁ ସରକାରୀ କାର୍ଯ୍ୟାଳୟ ଏପରି ଟିକସ ଫାଙ୍କିଥିଲେ ମଧ ସେ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ଆଣିଛନ୍ତି ପୌରବାସିନ୍ଦା। ତେଣୁ ସେଠାରୁ ବକେୟା ଟିକସ ଆଦାୟ କରା ନ ଯାଇ ପୌରବାସିନ୍ଦାଙ୍କ ନାମରେ ମାମଲା ରୁଜୁ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ପୌରାଞ୍ଚଳରେ ଘର କରିବା ସହ ବିଭିନ୍ନ ସୁବିଧା ଉପଭୋଗ କରୁଥିବା ଲୋକ ଏବଂ ସମସ୍ତ ସରକାରୀ କାର୍ଯ୍ୟାଳୟଠାରୁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରାଯାଇଥାଏ। ପୌରାଞ୍ଚଳରେ ବାସ କରୁଥିବା ୫ ହଜାର ୮୭ ଜଣ ଟିକସଦାତାଙ୍କ ମଧ୍ୟରୁ ୭୯ ଜଣ ଏହି ଟିକସ ଦେଇ ନ ଥିବା ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଚଳିତବର୍ଷ ପୌରପାଳିକାକୁ ହୋଲ୍ଡିଂ ଟିକସ ବାବଦରେ ୩ କୋଟି ୬୦ ଲକ୍ଷ ଟଙ୍କା ଆଦାୟର ଟାର୍ଗେଟ ଦିଆଯାଇଥିଲା। ସେଥିରୁ ୩ କୋଟି ୨୮ ଲକ୍ଷ ଟଙ୍କା ଆଦାୟ ହୋଇପାରିଛି। ଏହା ପୂର୍ବରୁ ୨୦୧୭-୧୮ ବର୍ଷରେ ମଧ ପୌରପାଳିକା ଟିକସ ଫାଙ୍କିଥିବା ୨୨୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ସେହି ବର୍ଷ ୨.୫୪ କୋଟି ଟଙ୍କା ଟିକସ ଆଦାୟ ହୋଇଥିଲା। ଏ ସମ୍ପର୍କରେ ଶୁଭେନ୍ଦୁ ଜେନା କୁହନ୍ତି, ପୂର୍ବରୁ କ’ଣ ହୋଇଥିଲା ଜାଣି ନାହିଁ। ବର୍ତ୍ତମାନ ସରକାରୀ କାର୍ଯ୍ୟାଳୟରୁ କିପରି ଟଙ୍କା ଆଦାୟ ହେବ ସେ ନେଇ ଲିଷ୍ଟ ପ୍ରସ୍ତୁତ ହେଉଛି। ଏହାପରେ ପଦକ୍ଷେପ ଗ୍ରହଣ କରାଯିବ।

# ଡକାୟତି ଯୋଜନା ପଣ୍ଡ, ୭ ଗିରଫ

**ତାଳଚେର,୨୩।୬(ନି.ପ୍ର.)**

ତାଳଚେର ବ୍ଲକ ଅନନ୍ତ ବିହାରର ଚିଲିକା କଳାକେନ୍ଦ୍ର ପଛ ପାଖ ଜଙ୍ଗଲରେ ଡକାୟତି ଯୋଜନା କରୁଥିବା ୭ ଅଭିଯୁକ୍ତଙ୍କୁ କଲିୟାରୀ ପୋଲିସ ଶନିବାର ରାତିରେ ଗିରଫ କରିଛି। ସେମାନେ ହେଲେ ମୋଟଙ୍ଗାର ସୌରଭ ନାଏକ, ଜିତୁ ବେହେରା, ପରଜଙ୍ଗର ଦୀପକ ନାଏକ, ତାଳଚେର ରେମୁଆଁର ରକି ନାଏକ, ବିହାରୀପୁରର ଟୁଲୁ ନାଏକ, ଅନନ୍ତ କଲିୟାରୀ ତାଳଚେର ଥର୍ମାଲ ପାଣିଗୋଳର ସିଦ୍ଧାର୍ଥ ସିଂ, ରତନ ସେଠ। ଏଥିସହ ଉକ୍ତ ଗ୍ୟାଙ୍ଗରେ ଜଣେ ନାବାଳକ ମଧ ରହିଛନ୍ତି। ରବିବାର ଗିରଫ ୭ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। କଲିୟାରୀ ପୋଲିସ ଚଢ଼ାଉ ବେଳେ ସେମାନଙ୍କଠାରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ କରିଛି। ଏ ନେଇ ନଂ. ୧୮୯/୧୯ରେ ଏକ ମକଦ୍ଦମା ରୁଜୁ କରାଯାଇଛି। ଘଟଣାରେ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ କହିଛି।

ମନେ ପଡ଼ନ୍ତି

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନିଖିଳ ଚନ୍ଦ୍ର ଦାସ**
ଆବିର୍ଭାବ: ୨୩।୧୦।୧୯୪୧
ତିରୋଧାନ: ୧୪।୦୬।୨୦୧୯
ବାଲ୍ୟରୁ ଶୈଶବ ପୁଣି ସେଠାରୁ ଯୌବନ
ପାଇଥିଲୁ ବୁଝିଥିଲୁ ସଂସାରର ଜ୍ଞାନ।।
ଆପଣଙ୍କ ସଙ୍ଗେ ଥାଏ ଅଫୁରନ୍ତ ଶକ୍ତି
ନାହାନ୍ତି ଆପଣ ମନେ ପଡୁଥାଏ ନିତି।।
ଜନମେ ଜନମେ ତୁମେ ବାପା ଆମ ହେବ
ଭୁଲି ଯେ ନ ଯିବ ତୁମ ଅପେକ୍ଷା ରହିବ।।
ବୈକୁଣ୍ଠର ସବୁସୁଖ ଆପଣଙ୍କୁ ମିଳୁ
ବାପି, ଲିପି ମନାସନ୍ତି ନିଶ୍ଚେ ଏହା ଫଳୁ।।
ଇତି
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୧୩୦୭୬

**Shradhanjali on the eve of 12th day**



**Late Batchu Narayana Murty**
**(20.10.1928 - 13.06.2019)**
Throughout this period of ascendance of your soul to its heavenly abode, not a moment passed without remembering you for your unconditional love and affection that you showered on us all while you were in our midst. We humbly pray to Bhagwan, the supreme soul to grant eternal peace to your noble soul.
**Bereaved family:** Laxmi, Ramakrishna, Narasimha, Ranganath, Bharati, Sivananda, Subha, Sanjeev, Shubhadra, Sangeeta, Sandeep, Saipriya, Sai Piyush, Sai Jagadish and Sai Kiran.
D-66150

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସନ୍ତୋଷ କୁମାର ମିଶ୍ର**
ଆଷାଢ ଶୁକ୍ଳ ଅଷ୍ଟମୀ
ତିରୋଧାନ: ୨୪।୦୬।୨୦୧୫
ହଠାତ୍ ଅସମୟରେ ଆମ ଦୁହିଁଙ୍କୁ ଏକୁଟିଆ ଛାଡ଼ି ଚାଲିଗଲୁ। ତୋର ସ୍ଥାନ କେବେବି କେହି ପୂରଣ କରିପାରିବେ ନାହିଁ। ଚତୁର୍ଥ ବର୍ଷର ଅବସରରେ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଇତି।
ଶୋକସନ୍ତପ୍ତ:
(ବାବା ଓ ବୋଉ)
ଧ-୧୩୧୦୯

## ସଂକ୍ଷେପରେ

### ଯୁବତୀଙ୍କ ଆତ୍ମହତ୍ୟା

ବଉଳା,୨୩।୬(ଡି.ଏନ.ଏ.)-ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଣଡିରା ଗ୍ରାମର ତନୁଶ୍ରୀ ଯେନା(୧୮) ବିଷପିଇ ଆତ୍ମହତ୍ୟା କରିଛନ୍ତି। ଅଭିଯୋଗରୁ ଜଣାଯାଇଛି ଯେ, କୌଣସି କାରଣରୁ ସେ ଗତ ଶନିବାର ରାତିରେ ବିଷପିଇ ଦେଇଥିଲେ। ପରେ ପରିବାର ଲୋକ ଜାଣିବାରୁ ଡାକ୍ତରଖାନାକୁ ନେବା ପାଇଁ ଉଦ୍ୟମ କରୁଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ସକାଳୁ ତାଙ୍କ ବାପା ନନ୍ଦିପଦା ଥାନାରେ ଅଭିଯୋଗ କରିବା ପରେ ନନ୍ଦିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁରକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବିପଦ ସଙ୍କୁଳ ସର୍ଭିସ ରୋଡ

ଆନନ୍ଦପୁର, ୨୩।୬(ସ୍ୱ.ପ୍ର.)- ଆନନ୍ଦପୁର ପୌରପରିଷଦ ଶାଳପଡା ବାଇପାସ୍ ଛକ ଦେଇ ଯାଇଥିବା ଅଧାପନ୍ତରିଆ ୨୦ ନଂ ଜାତୀୟ ରାଜପଥର କଡେ କଡେ ଅନାବନା ଘାସଲଟାରେ ପରିପୂର୍ଣ୍ଣ ହୋଇଛି। ଏହି ଘାସଲଟା ସବୁ ବଡ ବଡ ହୋଇ ଶାଳପଡା ସର୍ଭିସ ରୋଡ ଉପରକୁ ମାଡି ଆସିଛି, ଯାହାକି ଯାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ବଡ଼ ବଡ଼ ଯାନବାହାନକୁ ଅତିକ୍ରମ କରି ଯିବା ସମୟରେ ଏହି ଘାସ ଗୁଡିକ ବାଇକ୍ ଓ ସାଇକେଲ ଆରୋହୀଙ୍କ ଆଖିରେ ଲାଗୁଛି। ଏଥିପାଇଁ ସର୍ଭିସ ରୋଡର ପାଦେ ପାଦେ ଯାତ୍ରୀଙ୍କ ପାଇଁ ବିପଦ ସାଜିଛି। ଏହି ଅନାବନା ଘାସ ଗଛଗୁଡିକୁ ସଫା କରା ନ ଗଲେ ଆଗକୁ ବଡ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି। ଲୋକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଘଟଣା ଦିଗରେ ଧାନ ଦେଇ ବିଭାଗୀୟ କର୍ତ୍ତୃପକ୍ଷ ଏହି ଘାସ ଗଛ ଗୁଡିକୁ ସଫା କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ବନ୍ଦ ହେଲା ଝାରବେଡ଼ା ପ୍ରାଥମିକ ବିଦ୍ୟାଳୟ

ପାଟଣା, ୨୩।୬(ସ୍ୱ.ପ୍ର.) କେନ୍ଦୁଝର ଜିଲା ପାଟଣା ବ୍ଲକରେ ନିମ୍ନ ଉପସ୍ଥାନରେ ଚାଲିଥିବା ତୁରୁମୁଙ୍ଗା ପଞ୍ଚାୟତ ଝାରବେଡା ପ୍ରାଥମିକ ବିଦ୍ୟାଳୟକୁ ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଗାଇଡ ଲାଇନ ଅନୁଯାୟୀ ବନ୍ଦ କରି ଦିଆଯାଇଛି। ଜୁନ ୨୧ରୁ ଝାରବେଡା ପ୍ରାଥମିକ ବିଦ୍ୟାଳୟର ୬ ଛାତ୍ରୀଛାତ୍ରଙ୍କୁ ଉକ୍ତ ପଞ୍ଚାୟତ ଦଧିବାମନ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଯାଇଥିବା କଥା ବିଇଓ ପୂର୍ଣ୍ଣଚନ୍ଦ୍ର ଓମାତ ସୂଚନା ଦେଇଛନ୍ତି।

### ନୃତ୍ୟ ଗୁରୁ ସମ୍ବର୍ଦ୍ଧିତ

ଆନନ୍ଦପୁର, ୨୩।୬(ସ୍ୱ.ପ୍ର.)- ଆନନ୍ଦପୁରର ଅଗ୍ରଣୀ ନୃତ୍ୟାନୁଷ୍ଠାନ ବୀଣାପାଣି କଳାନିକେତନର କଳାକାରମାନେ ଭୁବନେଶ୍ୱର ରୟାଲ କଲେଜ ଅଫ ସାଇନ୍ସ ଆନୁକୂଲ୍ୟରେ ରୋଟାରୀ କ୍ଲବ ଦ୍ୱାରା ଆୟୋଜିତ ତୃତୀୟ ବାର୍ଷିକ ଉତ୍ସବ ଅବସରରେ ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ ଆମ ଗାଁ'ର ଗାଥା, ରଜ ମଉଜ, ଜଙ୍ଗଲୀ ଦଳଗତ ନୃତ୍ୟ ପରିବେଷଣ କରି ସମ୍ବର୍ଦ୍ଧିତ ହୋଇଛନ୍ତି। ନୃତ୍ୟ ଶିଳ୍ପୀ ଦେବାଙ୍ଗୀ ସେନାପତି, ପଦ୍ମଜା ମିଶ୍ର, ରିତେଶ ଦାସ, ହର୍ଷିତା ଖଟୁଆ, ଇତିଶ୍ରୀ ଓଝା, ବିନୋଦ ଓଝା, ଆରର୍ତ୍ତିକା ଦେହୁରୀ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଲୀନୁ ମହାନ୍ତି ପ୍ରମୁଖ ବେଶ୍ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

### ରୋଗୀ କଲ୍ୟାଣ ସମିତି ବୈଠକ

ପାଟଣା, ୨୩।୬(ସ୍ୱ.ପ୍ର.) କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଶନିବାର ରୋଗୀ କଲ୍ୟାଣ ସମିତିର ବୈଠକରେ ବାର୍ଷିକ ବ୍ୟୟ ବରାଦ ପାସ ହୋଇଛି। ଆୟୋଜିତ ବୈଠକ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁପ୍ରକାଶ ଶତପଥୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ରୋଗୀ କଲ୍ୟାଣ ପାଇଁ ଆଗାମୀ ୬ମାସ ସକାଶେ ୫ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି।

■ବିହନ ଚିନ୍ତାରେ ଚାଷୀ

# ଆବଶ୍ୟକ ୧୪୬୬୦ କୁଇଣ୍ଟାଲ, ଆସିଛି ୪୬୭୫

କାମାକ୍ଷାନଗର, ୨୩।୬(ଡି.ଏନ.ଏ.)

କାମାକ୍ଷାନଗର କୃଷି ଜିଲା



ଜୁନ୍ ସରିବାକୁ ବସିଲାଣି, ଅଥଚ ଭଲରେ ଭିଜିଲାନି ମାଟି। ଆକାଶରେ କଳାମେଘ ଅନେକ ଆଶା ସଞ୍ଚାର କରୁଛି ସତ, ହେଲେ ବର୍ଷିବାର ନାଁ ଗନ୍ଧ ନାହିଁ। ମୌସୁମୀର ଏପରି ଲୁଚକାଳି ଖେଳ ଚାଷୀଙ୍କୁ ଚିନ୍ତାରେ ପକାଇଥିବାବେଳେ ଏବେ ଉଭା ହୋଇଛି ବିହନ ସମସ୍ୟା। ଗୋଟିଏ ପଟେ ପ୍ରକୃତିର ଦାଉ ଅନ୍ୟପଟେ ପ୍ରଶାସନିକ ଅବହେଳା। ଏହି ସମସ୍ୟା ଭିତରେ ସନ୍ତୁଳି ହେଉଛନ୍ତି କାମାକ୍ଷାନଗର କୃଷି ଜିଲାର ଚାଷୀ।

ଅକ୍ଷୟ ତୃତୀୟାରୁ ଅଖିମୁଠି ଅନୁକୂଳ କରି ଚାଷୀମାନେ ବର୍ଷାକୁ ଚାହିଁଛନ୍ତି। ହେଲେ ଫନୀ ପ୍ରଭାବରେ ଚଳିତ ବର୍ଷ ମୌସୁମୀ ରାଜ୍ୟରେ ପହଞ୍ଚିବାରେ ବିଳମ୍ବିତ ହୋଇଛି। ଯଦିଓ ଓଡ଼ିଶାରେ ମୌସୁମୀ ବାୟୁ ପହଞ୍ଚି ସାରିଲାଣି, ଏହା ସାରା ରାଜ୍ୟକୁ ଛୁଇଁବାକୁ ଆହୁରି ପାଖାପାଖି ସପ୍ତାହେ ଲାଗିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅନ୍ୟପଟେ ଚାଷୀଙ୍କୁ ଏବେ ଘାରିଛି ବିହନ ଚିନ୍ତା। ଆବଶ୍ୟକ ଥିବା ୧୪,୬୬୦ କୁଇଣ୍ଟାଲ ବିହନ ମଧ୍ୟରୁ ପହଞ୍ଚିଛି ମାତ୍ର ୪,୬୭୫ କୁଇଣ୍ଟାଲ। ମୌସୁମୀ ବର୍ଷା ଆରମ୍ଭ ହେଲେ ଚାଷ କେମିତି ଉଠିବ ଏବେ ତାହା ପ୍ରମୁଖ ବିଷୟ ହୋଇଛି।

କାମାକ୍ଷାନଗର କୃଷି ଜିଲା ପାଇଁ ୩୬,୬୫୦ ହେକ୍ଟର ଜମିରେ ଧାନ ଚାଷ ଲକ୍ଷ୍ୟ ରଖାଯାଇଛି । ସେଥିରୁ କାମାକ୍ଷାନଗର ବ୍ଲକରେ ୯,୮୫୪ ହେକ୍ଟର, ଭୁବନରେ ୯,୦୯୦ ହେକ୍ଟର, ପରଜଙ୍ଗରେ ୧୦,୪୬୪, କଙ୍କଡ଼ାହାଡରେ ୭,୨୪୨ ହେକ୍ଟର ଜମିରେ ଧାନ ଚାଷ କରାଯିବାକୁ ସ୍ଥିର ହୋଇଛି। ଏଥିଲାଗି ହେକ୍ଟର ପିଛା ୪୦କେଜି ହିସାବରେ ୧୪,୬୬୦ କୁଇଣ୍ଟାଲ ବିହନ ଆବଶ୍ୟକ। କାମାକ୍ଷାନଗର ବ୍ଲକ ପାଇଁ ୩,୯୪୧ କୁଇଣ୍ଟାଲ, ଭୁବନ ପାଇଁ ୩,୬୩୬, ପରଜଙ୍ଗ ପାଇଁ ୪,୧୮୫ ଓ କଙ୍କଡ଼ାହାଡ଼ ପାଇଁ ୨,୮୯୬ କୁଇଣ୍ଟାଲ ବିହନ ଦରକାର।

ହାତଗଣତି ଚାଷୀ ନିଜ ଜମିର ବିହନ ସଂଗ୍ରହ କରିଥିବାବେଳେ ଅଧିକାଂଶ ସରକାରୀ ବିହନ ଭରସାରେ ଅଛନ୍ତି। ଚାଷ ଜମିରୁ ଥରେ ଉତ୍ପାଦିତ ହୋଇଥିବା ଅମଳକ୍ଷମ ବିହନ ୩ ବର୍ଷ ଯାଏଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ଏହାପରେ ଜମିର ଗୁଣବତ୍ତା ଅନୁଯାୟୀ ବିହନ ଆବଶ୍ୟକ ପଡ଼େ। ଏହି ପରିପ୍ରେକ୍ଷୀରେ ହାରାହାରି ଅଧା ବିହନ ପାଇଁ ଚାଷୀ ସରକାରଙ୍କ ଉପରେ ନିର୍ଭର କରିଥାଏ। ହେଲେ ଏଯାଏ ଆବଶ୍ୟକ ବିହନ ପହଞ୍ଚି ନ ଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏବେ କାମାକ୍ଷାନଗର ବ୍ଲକରେ ୩୨୬, ଭୁବନରେ ୭୨୯, ପରଜଙ୍ଗରେ ୨୮୫ ଏବଂ କଙ୍କଡ଼ାହାଡ଼ରେ ୪୦୦ କୁଇଣ୍ଟାଲ ବିହନ ବିକ୍ରି ପାଇଁ ମହଜୁଦ୍ ଅଛି, ଯାହା ଚାଷୀଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ।

କୃଷି ବିଭାଗ ନିଜେ ବିହନ ବିକ୍ରି ନ କରି ସମବାୟ ସମିତି ଜରିଆରେ ବିହନ ଯୋଗାଣ କରୁଛି। ଏଥିପାଇଁ ପୂର୍ବରୁ ଚିଠା ଖସଡ଼ା ପ୍ରସ୍ତୁତ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଲକ୍ଷ୍ୟ ଧାର୍ଯ୍ୟ ଚାଷ ପାଇଁ କେତେ ବିହନ ଆବଶ୍ୟକ ତାହା କୃଷି ବିଭାଗ ସମବାୟ ବିଭାଗକୁ ଜଣାଇବ। ତଦନୁଯାୟୀ ସମବାୟ ସମିତି ଜରିଆରେ ବିହନ ଯୋଗାଇବା ବ୍ୟବସ୍ଥା ରହିଛି। ହେଲେ କେତେକ ସ୍ଥାନରେ ମୁଷ୍ଟିମୟ ବ୍ୟକ୍ତି ପ୍ରଭାବ ବିସ୍ତାର କରି ବିହନ ହାତେଇ ନେଉଥିବାବେଳେ ଏଥିରୁ ପ୍ରକୃତ ଚାଷୀ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।

ଏ ନେଇ କୃଷି ଜିଲା ଅଧିକାରୀ ଦେବୀ ପ୍ରସାଦ ସାହୁ କୁହନ୍ତି, ବାସ୍ତବରେ ସମସ୍ତ ଚାଷୀ ସରକାରୀ ବିହନ ଆବଶ୍ୟକ କରନ୍ତି ନାହିଁ। ତଥାପି ଆବଶ୍ୟକତା ଅନୁଯାୟୀ ବିହନ ଗଚ୍ଛିତ ନାହିଁ। ସମବାୟ ସମିତି ଜାଣିଶୁଣି ବିହନ ଗଚ୍ଛିତ କରି ରଖିବାକୁ ଚାହୁଁନାହିଁ। ବିହନର ଅଭାବ ଦେଖାଦେଇଛି । ପୂର୍ବରୁ କୃଷି ବିଭାଗ ବିହନ ଆଣି ଚାଷୀଙ୍କୁ ଦେଉଥିଲା। ଏବେ ସମବାୟ ସମିତି ଜରିଆରେ ଦିଆଯାଉଛି। ତେଣୁ ସେମାନେ ଆଗ୍ରହ ଦେଖାଉ ନ ଥିବା ସେ କହିଛନ୍ତି।

■୪ ଯୁବକଙ୍କୁ ଆକ୍ରମଣ ମାମଲା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଟାୟାର ଜାଳି ରାସ୍ତାରୋକୋ।

ଢେଙ୍କାନାଳ ଅଫିସ, ୨୩।୬

ଗଁଦିଆ ଥାନା ମହାପଦା ଗ୍ରାମର ରାଜୁ ମଲ୍ଲିକ ଏବଂ ତାଙ୍କ ସହଯୋଗୀଙ୍କ ଆକ୍ରମଣରେ ୪ ଜଣ ଯୁବକ ଗୁରୁତର ହୋଇଥିଲେ। ଜୁନ୍ ୧୫ରେ ଘଟିଥିବା ଏହି ଘଟଣାରେ ଅଦ୍ୟାବଧି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଏହାର ପ୍ରତିବାଦରେ ରବିବାର ରାସ୍ତାକୁ ଓହ୍ଲାଇଥିଲେ ଗ୍ରାମବାସୀ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

ଅଭିଯୋଗ ଅନୁଯାୟୀ, ରାଜୁ ଏବଂ ତାଙ୍କ ସହଯୋଗୀଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ୪ ଯୁବକଙ୍କ ମଧ୍ୟରୁ ୨ଜଣ କଟକ ଏବଂ ଅନ୍ୟ ୨ ଜଣ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଘଟଣାରେ ୬ଜଣ ଅଭିଯୁକ୍ତ ଅଛନ୍ତି। ଅଭିଯୋଗ ସତ୍ତ୍ୱେ ସେମାନଙ୍କୁ ପୋଲିସ ଗିରଫ କରୁନାହିଁ। ଏ ନେଇ ଗ୍ରାମବାସୀ ଜିଲାପାଳ, ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ଅଞ୍ଚଳବାସୀ ପୂର୍ବାହ୍ନ ୮ଟାରୁ ୨ ଘଣ୍ଟା ଧରି ଟାୟାରଜାଳି ରାସ୍ତା ଅବରୋଧ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ରାସ୍ତାରୋକୋ ଯୋଗୁ ଢେଙ୍କାନାଳ-ବଣସିଂହ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଗଁଦିଆ ଥାନାଧିକାରୀ ନିରୁପମା ଜେନା, ଯୋରନ୍ଦା ଫାଣ୍ଡି ଅଧିକାରୀ ପି.କେ. ମଲ୍ଲିକ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ସେମାନେ ଶୀଘ୍ର ଧରାପଡ଼ିବେ ବୋଲି ଆଶ୍ୱାସନା ଦେବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ୧୫ଦିନିଆ ଯୋଗାଭ୍ୟାସ ଶିବିର ଆରମ୍ଭ



ଯୋଗାଭ୍ୟାସ ଶିବିରରେ ଶିବିରାର୍ଥୀମାନେ।

ଢେଙ୍କାନାଳ ଅଫିସ, ୨୩।୬

ଜିଲା ବିଜ୍ଞାନ କେନ୍ଦ୍ରରେ ୫ମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ୧୫ଦିନିଆ ଯୋଗାଭ୍ୟାସ ଶିବିର ଆରମ୍ଭ ହୋଇଛି। ପ୍ରତିଷ୍ଠାନ ଅଡିଟୋରିୟମ୍‌ରେ ସମୂହ ଯୋଗାସନ କାର୍ଯ୍ୟକ୍ରମରେ ୪୦ଜଣ ମହିଳାପୁରୁଷ ଅଂଶଗ୍ରହଣ କରିଥିଲେ।

ସେହିପରି କପିଳାସ ବିଜ୍ଞାନ ଉଦ୍ୟାନ ପରିସରରେ ଆୟୋଜିତ ଯୋଗାସନ ଶିବିରରେ ୫୦ଜଣ ଭାଗ ନେଇଥିଲେ। ଉଭୟ କାର୍ଯ୍ୟକ୍ରମକୁ ଭାରତୀୟ ଯୋଗ ସଂସ୍ଥାନର କର୍ମକର୍ତ୍ତା ପରିଚାଳନା କରିଥିଲେ। ଏହା ୨ ସପ୍ତାହ ଧରି ଚାଲିବ। ଏଥିସହ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯୋଗ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ।

# ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ

ଭୁବନ, ୨୩।୬(ଡି.ଏନ.ଏ.)

**ରାସ୍ତା ପାର୍ଶ୍ୱରେ ପାଇଖାନା ଟାଙ୍କି ନିର୍ମାଣକୁ ବିରୋଧ**

ଭୁବନ ଏନ୍‌ଏସି ଅଧୀନ ୧ନଂ. ୱାର୍ଡର ବ୍ଲକ ଛକରୁ ଟୋଲଙ୍କବେରେଣୀ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଉପରେ ପାଇଖାନା ଟାଙ୍କି ନିର୍ମାଣ କରିବାକୁ ନେଇ ଆରମ୍ଭ ହୋଇଛି ବିବାଦ। ପାଇଖାନା ଟାଙ୍କି ନିର୍ମାଣ ହେଲେ ସାଧାରଣ ଲୋକଙ୍କ ଜୀବନଯାତ୍ରା ଦୁର୍ବିଷହ ହୋଇପଡ଼ିବ। ଏହି କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ରାସ୍ତା କଡ଼ରେ କେତେଜଣ ଲୋକ ପାଇଖାନା ଟାଙ୍କି ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ଶୁକ୍ରବାର ଟାଙ୍କି ପାଇଁ ମାଟି ଖୋଳା ଯାଉଥିବାବେଳେ ଏହାକୁ ବିରୋଧ କରିଥିଲେ ୱାର୍ଡବାସୀ। ଏଥିସହ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସର୍ବସାଧାରଣଙ୍କ ହିତ ଦୃଷ୍ଟିରୁ ଉକ୍ତ ସ୍ଥାନରେ ପାଇଖାନା ଟାଙ୍କି ନିର୍ମାଣ ନ କରିବାକୁ ଏନ୍‌ଏସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି ଏହାକୁ ଭ୍ରୂକ୍ଷେପ ନ କରି ଟାଙ୍କି ନିର୍ମାଣ କରାଯାଉଛି। ବ୍ଲକ କାର୍ଯ୍ୟାଳୟ, ରାମ ମନ୍ଦିର, ବାଜି ରାଉତ ସ୍ମୃତି ବିଦ୍ୟାମନ୍ଦିର ଏବଂ ବାଜି ରାଉତ କଲେଜକୁ ଯିବାକୁ ଉକ୍ତ ରାସ୍ତା ଉପରେ ଦୈନିକ ହଜାର ହଜାର ବ୍ୟକ୍ତି, ଛାତ୍ରୀଛାତ୍ର ନିର୍ଭର କରିଥାନ୍ତି। ବ୍ୟକ୍ତିଗତ ସ୍ୱାର୍ଥ ଲାଗି ଅଞ୍ଚଳର ପ୍ରମୁଖ ଡ୍ରେନ୍‌ଗୁଡ଼ିକୁ କେତେଜଣ ବ୍ୟକ୍ତି ପୋତି ଦେଇଛନ୍ତି। ସାମାନ୍ୟ ବର୍ଷାରେ ଉକ୍ତ ରାସ୍ତାରେ ପାଣି ଜମି ରହୁଛି। ପାଇଖାନା ଟାଙ୍କି ନିର୍ମାଣ ହେଲେ ପରିସ୍ଥିତି ଆହୁରି ଗମ୍ଭୀର ହୋଇଯିବ। କାମ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଏନ୍‌ଏସି ଚେୟାରମ୍ୟାନ୍ ଦାୟିତ୍ୱରେ ଥିବା ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କୁ ଫୋନ୍ ଯୋଗେ ଅବଗତ କରାଇଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ନିରଞ୍ଜନ ପୃଷ୍ଟି, ଧନେଶ୍ୱର ପୋଥାଳ, ଭାଗବତ ନାୟକ, ଧନେଶ୍ୱର ବେହେରା, ଶ୍ରୀକାନ୍ତ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି।

ଏ ନେଇ ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ କୁହନ୍ତି, ରାସ୍ତାରେ ପାଇଖାନା ଟାଙ୍କି ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ମିଳିଛି। ସୋମବାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡ଼ିଲେ ପୋଲିସ ସହାୟତା ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ପତ୍ର ହଲିଲେ ଛାତିରେ ଛନକା

ଭୁବନ, ୨୩।୬(ଡି.ଏନ୍.ଏ.)

■ଘଣ୍ଟା ଘଣ୍ଟା ଧରି କଟୁଛି ବିଜୁଳି ସଂଯୋଗ

■ପାଣି ପାଇଁ ହନ୍ତସନ୍ତ ଜନତା

ସାମାନ୍ୟ ଝଡ଼ବର୍ଷା କିମ୍ବା ପବନ ହେଲେ ଭୁବନ ଏନ୍‌ଏସିରେ ରହୁଥିବା ଲୋକଙ୍କ ଛାତିରେ ଛନକା ପଶୁଛି। ଥରେ ବିଜୁଳି କଟିଲେ, କେବେ ଆସିବ ତାହାର କିଛି ଠିକ୍ ଠିକଣା ରହୁନାହିଁ। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି। ବିଜୁଳି ସଂଯୋଗ ବିଚ୍ଛିନ୍ନ ହୋଇଯିବା ପରେ ସବୁଠାରୁ ବେଶି ପ୍ରଭାବିତ ହେଉଛି ପାନୀୟ ଜଳଯୋଗାଣ ବ୍ୟବସ୍ଥା। ପ୍ରବଳ ଗୁଳୁଗୁଳି ସାଙ୍ଗକୁ ଜଳକଷ୍ଟ ଏନ୍‌ଏସି ଜନସାଧାରଣଙ୍କୁ କଲବଲ କରୁଥିବାବେଳେ ଏହାକୁ ନେଇ ଅସନ୍ତୋଷ ଚରମସୀମାରେ ପହଞ୍ଚିଲାଣି।

ଯାଜପୁର ଜିଲାର ସୁକିନ୍ଦା ଥାନା କାଳିଆପାଣି ଗ୍ରୀଡ୍‌ରୁ ଏନ୍‌ଏସି ଅଧୀନ ୧, ୭, ୮, ୧୩, ୧୪ ଏବଂ ୧୫ନଂ. ୱାର୍ଡ ସମେତ ମହୁଲପାଳ, ଏକତାଳି ପଞ୍ଚାୟତ ଏବଂ ଜନସ୍ୱାସ୍ଥ୍ୟ ବିଭାଗକୁ ସ୍ୱତନ୍ତ୍ର ଭାବେ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଗ୍ରାମାଞ୍ଚଳ ଦେଇ ବିଦ୍ୟୁତ୍ ତାର ଟଣାଯାଇଥିବାରୁ ଅଧିକାଂଶ ସମୟରେ ଶର୍ଟସର୍କିଟ୍ ହେଉଛି। ସାମାନ୍ୟ ପବନରେ ଗଛପଡ଼ି ବିଦ୍ୟୁତ୍ ତାର ଛିଣ୍ଡିଯାଉଛି। ଜନସ୍ୱାସ୍ଥ୍ୟ ବିଭାଗକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯିବା ପରେ ଏହାର ପ୍ରଭାବ ପଡୁଛି ଜଳଯୋଗାଣ ଉପରେ। ଫଳରେ ଏନ୍‌ଏସି ଅଧୀନ ୧୫ଟି ୱାର୍ଡର ବାସିନ୍ଦା ଏଥିରେ ପ୍ରଭାବିତ ହେଉଛନ୍ତି। ଏନ୍‌ଏସିଠାରୁ ପଞ୍ଚାୟତକୁ ପୃଥକ୍ କରି ବିଦ୍ୟୁତ୍ ସଂଯୋଗ ଦିଆଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ୱାର୍ଡବାସୀ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ବିଦ୍ୟୁତ୍ ବିଭାଗ ଅଧିକାରୀ ହୃଷୀକେଶ ଦାସ କୁହନ୍ତି, ମହୁଲପାଳରେ ଗ୍ରୀଡ୍ ନିର୍ମାଣ ଚାଲିଛି। ଏହା ସମ୍ପୂର୍ଣ୍ଣ ହେଲେ ସମସ୍ୟା ସମାଧାନ ହୋଇଯିବ। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ କୁହନ୍ତି, ଜଳ ଯୋଗାଣ ପାଇଁ ବିଦ୍ୟୁତ୍ ସଂଯୋଗ ନିହାତି ଆବଶ୍ୟକ। ବିଦ୍ୟୁତ୍ କାଟ ଏବଂ ଏହାଦ୍ୱାରା ସୃଷ୍ଟି ହେଉଥିବା ଜଳଯୋଗାଣ ସମସ୍ୟାର ସମାଧାନ ଲାଗି ଉପରିସ୍ଥ ଅଧିକାରୀଙ୍କୁ ଜେନେରେଟର ଯୋଗାଇ ଦେବାକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଜେନେରେଟର ଯୋଗାଇ ଦେଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ସେ କହିଛନ୍ତି।

## ପୋଲିସକୁ ସହଯୋଗ କରନ୍ତୁ ଲୋକେ

ପବିତ୍ରନଗର,୨୩।୬(ଡି.ଏନ.ଏ)

କଣିହାଁ ବ୍ଲକ ସମଲ ଥାନା ତରଫରୁ ଗହମ ଗ୍ରାମରେ ରବିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମଲ ଥାନା ଅଧିକାରୀ ସୁନୀଲ କୁମାର କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗହମ ଗ୍ରାମ ସଭାପତି ତୀର୍ଥବାସୀ ସାହୁ ଅଧକ୍ଷତା କରିଥିଲେ। ଜନସାଧାରଣ ପୋଲିସକୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିବାକୁ ଥାନା ଅଧିକାରୀ ପରାମର୍ଶ ଦେଇଥିଲେ। ସେହିପରି ଅଞ୍ଚଳରେ ଚୋରି, ଡକାୟତ, ରାହାଜାନୀ କିପରି ରୋକାଯାଇପାରିବ ତା' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସମଲ ଥାନା ଏଏସ୍‌ଆଇ ସନ୍ତୋଷ ଶତପଥୀ, ଆମ ପୋଲିସ ସମିତି ସଦସ୍ୟ ବୁଦ୍ଧିମନ୍ତ ସାହୁ, ସୁବାସ ମହାନ୍ତି, ବିରଞ୍ଚି ସାହୁ, ଯୁଗଳ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ବଣସିଂହ ହାଇସ୍କୁଲର ୫୮ ତମ ପ୍ରତିଷ୍ଠା ଦିବସ

# ଶୃଙ୍ଖଳିତ ହେବାକୁ ପରାମର୍ଶ



ବଣସିଂହ ହାଇସ୍କୁଲ ପ୍ରତିଷ୍ଠା ଦିବସରେ ମୋ' ସ୍କୁଲ ଅଭିଯାନକୁ ସହାୟତା ଦେଇଥିବା ବଦାନ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ ଅଫିସ, ୨୩।୬

ଢେଙ୍କାନାଳ ସଦର ବ୍ଲକ ବଣସିଂହ ସରକାରୀ ଉଚ୍ଚ ବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ଶନିବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସରପଞ୍ଚ ମାୟାଧର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲ ପ୍ରତିଷ୍ଠା ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହୋଇ ଉତ୍ତମ ନାଗରିକ ହେବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଶତପଥୀ ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ୟୁକୋ ବ୍ୟାଙ୍କ ମ୍ୟାନେଜର ଅନନ୍ତ ଚରଣ ହୋତା, ଖଣମାଧ୍ୟମ ପ୍ରତିନିଧି ଶିଶିର ଶତପଥୀ, ପ୍ରଶାନ୍ତ ପଣ୍ଡା, ଅବସରପ୍ରାପ୍ତ ସେନା କର୍ମଚାରୀ ଶଙ୍କର୍ଷଣ ହୋତା, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବିନ୍ଧାଣୀ ମଞ୍ଚାସୀନ ଥିଲେ। 'ମୋ ସ୍କୁଲ ଅଭିଯାନ'ରେ ଆର୍ଥିକ ସହଯୋଗ କରିଥିବା ୪୪ଜଣ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଶୋକ ବାରିକ, ଅନନ୍ତ ଚରଣ ହୋତା, ଶଙ୍କର୍ଷଣ ଶତପଥୀ, ବିପିନ ବିହାରୀ ଶତପଥୀ, ଭ୍ରମରବର ବେହେରାଙ୍କୁ ସରକାରଙ୍କ ତରଫରୁ ପ୍ରଦତ୍ତ ମାନପତ୍ର ଏବଂ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ମୁରଲୀଧର ସାହୁ, ଶିକ୍ଷକ ବିଜୟ ସାହୁ, ଶିକ୍ଷୟିତ୍ରୀ ଅନସୂୟା ଜେନା, ଯାମିନୀ ହୋତା, ବିକାଶ ଜେନା, ଆଶିଷ ରଞ୍ଜନ ମିଶ୍ର, କର୍ମଚାରୀ ଦିଲୀପ ଶତପଥୀ, ରାଧାକୃଷ୍ଣ ଧଳ, ପ୍ରହ୍ଲାଦ ହୋତା, ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

# ବନ୍ଦ ହେବ ସାଇ ସ୍ପୋର୍ଟ୍ସ ହଷ୍ଟେଲ

**ରତନ ନାୟାର**
**ଢେଙ୍କାନାଳ ଅଫିସ, ୨୩।୬**



ଢେଙ୍କାନାଳସ୍ଥିତ ସାଇ କ୍ରୀଡ଼ା ଛାତ୍ରାବାସ।

- ପିଛା ଛାଡୁନି ସମସ୍ୟା
- ଦକ୍ଷ କୋଚ୍‌ଙ୍କ ଅଭାବ
- ଭିତ୍ତିଭୂମି ବିକାଶ ହେଉନି

ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କ ଅନ୍ତୁଡ଼ିଶାଳ କୁହାଯାଉଥିବା ଢେଙ୍କାନାଳସ୍ଥିତ ସ୍ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ସାଇ) କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ର ଏବେ ସମସ୍ୟା ଅଳନ୍ଧୁରେ ଘାଣ୍ଟି ହେଉଛି। ଦକ୍ଷ କୋଚ୍, କ୍ରୀଡ଼ା ଭିତ୍ତିଭୂମିର ଅଭାବ ଏହି ଜାତୀୟ କ୍ରୀଡ଼ା ଅନୁଷ୍ଠାନକୁ ଦୁର୍ବଳ କରିଦେଇଛି। ଏହାର ରକ୍ଷଣାବେକ୍ଷଣ ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ଧ୍ୟାନ ଦେଉନାହିଁ। ଏପରି କି ଏହାକୁ ନିକଟ ଭବିଷ୍ୟତରେ ବନ୍ଦ କରିଦେବାକୁ ମସୁଧା କରାଯାଉଥିବା ବିଶ୍ୱସ୍ତସୂତ୍ରରୁ ଜଣାପଡ଼ିଛି।

କ୍ରୀଡ଼ାର ବିକାଶ ଏବଂ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବାକୁ ୧୯୯୨ରେ ଢେଙ୍କାନାଳରେ ପ୍ରତିଷ୍ଠା କରାଯାଇଥିଲା ସାଇ କ୍ରୀଡ଼ା ଛାତ୍ରାବାସ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଫୁଟବଲ, ଆଥଲେଟିକ୍ସ, କବାଡ଼ି, ରେସ୍‌ଲିଂ, ୱେଟ୍ ଲିଫ୍ଟିଂ ବିଭାଗରେ ଖେଳାଳିଙ୍କୁ ଚୟନ କରି ଛାତ୍ରାବାସରେ ଦକ୍ଷ କୋଚ୍‌ଙ୍କ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଉଥିଲା। ତେବେ ଏହି କ୍ରୀଡ଼ା ପ୍ରତିଷ୍ଠାନ ପ୍ରତିଷ୍ଠାକୁ ୨୭ବର୍ଷ ବିତିଯାଇଥିବାବେଳେ ଆଖିଦୃଶିଆ ବିକାଶ ହେବା ପରିବର୍ତ୍ତେ ଏହା ଅଧିକରୁ ଅଧିକ ରୁଗ୍‌ଣ ହୋଇପଡ଼ିଲାଣି। ଏହାର ଉନ୍ନତୀକରଣ ପାଇଁ କାହାରି ଆନ୍ତରିକତା ଥିବା ମନେହେଉନାହିଁ।

ଛାତ୍ରାବାସରେ ୫୦ଜଣ କ୍ରୀଡ଼ାବିତ୍ ରହିବା ବ୍ୟବସ୍ଥା ଅଛି। ଆରମ୍ଭରୁ ଏଠାରେ ଫୁଟ୍‌ବଲ ପ୍ରଶିକ୍ଷଣ ଦିଆଯାଉଥିଲା। ହେଲେ କ୍ରୀଡ଼ାବିତ୍‌ଙ୍କ ଲାଗି ପଡ଼ିଆକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାରୁ ୨୦୦୯ରୁ ଏହାକୁ ସାଇ କର୍ତ୍ତୃପକ୍ଷ ଉଠାଇ ନେଇଥିଲେ। ଏପରି କି ସମସ୍ୟା ଘେରରେ ପଡ଼ିଥିବା ସାଇ କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ରକୁ ୨୦୦୯-୨୦୧୪ ଯାଏ ବନ୍ଦ ରଖିବାକୁ ପଡ଼ିଥିଲା। କ୍ରୀଡ଼ାବିତ୍, କ୍ରୀଡ଼ା ଅନୁଷ୍ଠାନ ଏବଂ ସହରବାସୀଙ୍କ ଦାବି ପରେ ୨୦୧୪ରୁ ଏହା ପୁନର୍ବାର କାର୍ଯ୍ୟକ୍ଷମ ହୋଇଛି। ଏବେ ଏଠାରେ ଆଥଲେଟିକ୍ସ, କବାଡ଼ି, ରେସ୍‌ଲିଂ, ୱେଟ୍ ଲିଫ୍ଟିଂରେ ୨୭ଜଣ ଖେଳାଳି ପ୍ରଶିକ୍ଷଣ ନେଉଛନ୍ତି। ହେଲେ ୨ଟିକୁ ବାଦ୍‌ଦେଲେ ଅନ୍ୟ ବିଭାଗର କୋଚ୍ ନାହାନ୍ତି। ସେହିପରି ୨୦୧୯ମେ ୩୦ରୁ ପ୍ରଶିକ୍ଷଣ କେନ୍ଦ୍ର ଦାୟିତ୍ୱରେ ଥିବା ମୁଖ୍ୟ କୋଚ୍‌ଙ୍କ ବଦଳି ହୋଇଯାଇଛି। ଅଦ୍ୟାବଧି ତାଙ୍କ ସ୍ଥାନରେ ଅନ୍ୟ କାହାରିକୁ ଅବସ୍ଥାପିତ କରାଯାଇନାହିଁ।

ପ୍ରଶିକ୍ଷଣ କେନ୍ଦ୍ରର କଳେବର ବୃଦ୍ଧି କରିବାକୁ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥର ପାଞ୍ଚକାହାଣିଆ ନିକଟରେ ୫୦ଲକ୍ଷ ଟଙ୍କା ବ୍ୟୟରେ ଅତିରିକ୍ତ ପଡ଼ିଆ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। କାମ ମଧ୍ୟ ଆରମ୍ଭ ହୋଇଥିଲା। ହେଲେ ବର୍ଷକ ପରେ କୌଣସି କାରଣରୁ କାମ ବନ୍ଦ ହୋଇଯାଇଛି। ଏବେ ଉକ୍ତ ପଡ଼ିଆ ପରିତ୍ୟକ୍ତ ହୋଇପଡ଼ିଛି।

ଢେଙ୍କାନାଳ ସାଇ କ୍ରୀଡ଼ା ଛାତ୍ରାବାସରୁ ଅନେକ କିମ୍ବଦନ୍ତୀ କ୍ରୀଡ଼ାବିତ୍ ସୃଷ୍ଟି ହୋଇଛନ୍ତି। ୨୦୦୬ରେ ଫୁଟ୍‌ବଲ ଖେଳାଳି ଜଗବନ୍ଧୁ ମୋଦି ୨୨ ବର୍ଷରୁ କମ୍ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଖ୍ୟାତନାମା ୱେଟ୍‌ଲିଫ୍ଟର କେ.ରବି କୁମାର ମଧ୍ୟ ଏଠାରୁ ପ୍ରଶିକ୍ଷଣ ନେଇଛନ୍ତି, ଯାହା ଏହି କ୍ରୀଡ଼ା ଛାତ୍ରାବାସର ଗୁରୁତ୍ୱକୁ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ପରିଚିତ କରାଇଛି। ଆହୁରି ମଧ୍ୟ ଅନେକ କ୍ରୀଡ଼ାବିତ୍ ଏଠାରୁ ତାଲିମ ନେଇ ଜାତୀୟସ୍ତରରେ ସଫଳତା ସାଉଁଟିଛନ୍ତି। ହେଲେ ଏବେ ପରିସ୍ଥିତି ବଦଳିଯାଇଛି। ଶତାଧିକ କ୍ରୀଡ଼ାପ୍ରତିଭା ସୃଷ୍ଟି କରିଥିବା ଢେଙ୍କାନାଳ ସାଇ କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ର ଏବେ ନିଜର ପରିଚୟ ଖୋଜୁଛି। ସମସ୍ୟା ସମାଧାନର ବାଟ ପାଉ ନ ଥିବା କ୍ରୀଡ଼ା ମନ୍ତ୍ରଣାଳୟ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବାକୁ ମସୁଧା କରୁଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

ଜିଲାରେ କ୍ରୀଡ଼ାର ବିକାଶ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଷ୍ଟାଡିୟମ ନିର୍ମାଣ କରାଯାଇଛି। ଏଥିସହ ସାଇ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ କାର୍ଯ୍ୟ କରୁଛି। ୧୯୯୮ ଅକ୍ଟୋବର ୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଢେଙ୍କାନାଳ ଷ୍ଟାଡିୟମ୍‌ର ଉନ୍ନତୀକରଣ କରାଯାଇଥିଲା। ନୂତନ ଗ୍ୟାଲେରି ଏବଂ ଛାତ୍ରାବାସ ପ୍ରକୋଷ୍ଠ ଲୋକାର୍ପିତ ହୋଇଥିଲା। ଏସବୁ ସତ୍ତ୍ୱେ ବର୍ତ୍ତମାନ ସମୟରେ ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିବାରେ ସାଇ, ଜିଲା କ୍ରୀଡ଼ା ବିଭାଗ, କ୍ରୀଡ଼ା ସଂସଦ ପକ୍ଷରୁ ଆନ୍ତରିକତା ଦେଖିବାକୁ ମିଳୁନାହିଁ, ଯାହା କ୍ରୀଡ଼ାପ୍ରେମୀଙ୍କୁ ନିରାଶ କରିଛି। ଏ ସଂକ୍ରାନ୍ତରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି କୁହନ୍ତି, ସାଇ କ୍ରୀଡ଼ା ଛାତ୍ରାବାସରେ କୋଚ୍ ଅଭାବ ରହିଛି। ହେଲେ ଏହାକୁ ବନ୍ଦ କରିବାକୁ କୌଣସି ପତ୍ର କିମ୍ବା ସୂଚନା ଆସି ନ ଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଢାବାରୁ ବିଦେଶୀ ମଦ ଜବତ, ୩ ଗିରଫ



**ଢେଙ୍କାନାଳ ଅଫିସ, ୨୩।୬:** ଢେଙ୍କାନାଳ ସଦର ଥାନା ପୋଲିସ ରବିବାର ଗୋବିନ୍ଦପୁର, ଝାରଗାଡ଼ିଆ ଫାଣ୍ଡି ଅଞ୍ଚଳରେ ଥିବା ୩ ଢାବା ଉପରେ ଅତର୍କିତ ଚଢ଼ାଉ କରି ବିପୁଳ ପରିମାଣରେ ବିଦେଶୀ ମଦ ଜବତ କରିଛି। ଚୋରା ମଦ କାରବାର ଅଭିଯୋଗରେ କଲ୍ୟାଣୀ ଢାବା ମାଲିକ ପ୍ରଦୀପ ସାହୁ, ଦୁର୍ଗାମାଧବ ଢାବା ମାଲିକ ମୀନକେତନ ସାହୁ ଏବଂ ମାଳତୀ ଢାବା ମାଲିକ ପ୍ରକାଶ ସାସ୍ମଲ ଗିରଫ ହୋଇଛନ୍ତି। ସମ୍ପୃକ୍ତ ଢାବାରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି ହେଉଥିବା ସୂଚନା ମିଳିବା ପରେ ଏସ୍‌ପି ଅନୁପମା ଜେମ୍‌ସଙ୍କ ନିର୍ଦ୍ଦେଶରେ ସଦର ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରାଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ କଳ୍ପନା ବେହେରା, ବିକ୍ରମ ବେହେରା, ଏଏସ୍‌ଆଇ ମାଧବ ଚନ୍ଦ୍ର ନାୟକ ପ୍ରମୁଖ ଚଢ଼ାଉ କରିଥିଲେ। କଲ୍ୟାଣୀ ଢାବାରୁ ୩୦, ମାଳତୀ ଢାବାରୁ ୨୫ ଏବଂ ଦୁର୍ଗାମାଧବ ଢାବାରୁ ୬୯ ବୋତଲ ବିଦେଶୀ ମଦ ବୋତଲ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୨୩୪/୧୯, ୨୩୫/୧୯ ଏବଂ ୨୩୬/୧୯ରେ ମାମଲା ରୁଜୁ କରାଯାଇଛି। ଚୋରା କାରବାର ରୋକିବାକୁ ଆଗାମୀ ଦିନରେ ଅଧିକରୁ ଅଧିକ ଚଢ଼ାଉ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

- ବିଦ୍ୟୁତ୍ ତାରରେ ଛନ୍ଦି ହେଲା ଟ୍ରକ୍

### ଖୁଣ୍ଟ ଉପୁଡ଼ି ଜାତୀୟ ରାଜପଥ ଅବରୋଧ



**ଭୁବନ, ୨୩।୬(ଡି.ଏନ୍.ଏ.)-** ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡି ନିକଟ ଟିପିଲେଇ ହାଟଛକରେ ଶନିବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ ବିଦ୍ୟୁତ୍ ତାରରେ ଛନ୍ଦି ହୋଇପଡ଼ିବାରୁ ଖୁଣ୍ଟ ଉପୁଡ଼ି ୫୩ନଂ. ଜାତୀୟ ରାଜପଥ ଅବରୋଧ ହୋଇଥିଲା। ରବିବାର ଅପରାହ୍ନ ୪ଟାରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ଆବଶ୍ୟକ ମରାମତି ପରେ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଛି। ଜାତୀୟ ରାଜପଥଠାରୁ ୨ ଫୁଟ ଦୂରରେ ଖୁଣ୍ଟ ପୋତାଯାଇ ବିଦ୍ୟୁତ୍ ତାର ଟଣାଯାଇଛି। ଉକ୍ତ ତାର କମ୍ ଉଚ୍ଚତାରେ ଓହଳି ରହିଛି। ଶନିବାର ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ ଆସୁଥିବାବେଳେ ବିଦ୍ୟୁତ୍ ତାରରେ ଛନ୍ଦି ହୋଇଯାଇଥିଲା। ଫଳରେ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ଟ୍ରକ୍ ଚାଳକ ଭୟଭୀତ ହୋଇ ଦୌଡ଼ି ପଳାଇଥିଲେ। ସୂଚନା ପାଇ ବିଭାଗୀୟ ଅଧିକାରୀ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଜାତୀୟ ରାଜପଥ ପାର୍ଶ୍ୱରେ ଏପରି ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେଗୁଡ଼ିକୁ ସ୍ଥାନାନ୍ତର କରିବା ଦିଗରେ ବିଦ୍ୟୁତ୍ ବିଭାଗ କିମ୍ବା ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

### ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

**ଢେଙ୍କାନାଳ ଅଫିସ, ୨୩।୬-** ଢେଙ୍କାନାଳ ସହର କୁଞ୍ଜକାନ୍ତ ଲଳିତନଗର ଅଞ୍ଚଳରୁ ରବିବାର ସନ୍ଧ୍ୟା ୬ଟାରେ ଜଣେ ମହିଳାଙ୍କ ବେକରୁ ୨ଜଣ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ସର୍ବେଶ୍ୱର ସାହୁଙ୍କ ସ୍ତ୍ରୀ ସନ୍ନ୍ୟାସିନୀ (୫୦)। ସେ ପଡ଼ୋଶୀ ମହିଳାଙ୍କ ସହ ବରକୋଳି ପତ୍ର ଆଣିବାକୁ ଯାଉଥିଲେ। ଦୁଇଜଣ ଯୁବକ ବାଇକ୍‌ରେ ଆସି ହଠାତ୍ ତାଙ୍କ ପଛ ପାଖରୁ ୨୩ ଗ୍ରାମ ଓଜନର ଉକ୍ତ ସୁନା ଚେନ୍ ଲୁଟିନେଇ ପଳାଇଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

- ପର୍ଯ୍ୟବେକ୍ଷକଙ୍କ ଆଗରେ ଅସନ୍ତୋଷ ଝାଡ଼ିଲେ କର୍ମୀ

# ସାଙ୍ଗଠନିକ ଦୁର୍ବଳତା ପରାଜୟର କାରଣ



ବୈଠକରେ ବିଧାୟକ ସୁରେଶ ରାଉତରାୟଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨୩।୬**

ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ଖାତା ଖୋଲିପାରିନାହିଁ କଂଗ୍ରେସ। ଅଧିକାଂଶ ସ୍ଥାନରେ ଦଳୀୟ ପ୍ରାର୍ଥୀ ଅମାନତ ହରାଇଛନ୍ତି। ଦଳର ଏପରି ଶୋଚନୀୟ ପରାଜୟର ଆରମ୍ଭ ହୋଇଛି କାରଣ ଖୋଜା। ଏ ନେଇ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ରବିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ନେତା ତଥା ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ମହିଳା କଂଗ୍ରେସ ଅଧ୍ୟକ୍ଷା ସସ୍ମିତା ବେହେରା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ।

ସାଙ୍ଗଠନିକ ଦୁର୍ବଳତା, ଟିକେଟ ବଣ୍ଟନରେ ବିଳମ୍ବ, ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମନୋଭାବର ଅଭାବ, ଯୋଜନାବିହୀନ ପ୍ରଚାର ଦଳୀୟ ବିପର୍ଯ୍ୟୟର କାରଣ ବୋଲି ଜିଲାର ନେତୃବୃନ୍ଦ ପର୍ଯ୍ୟବେକ୍ଷକଙ୍କ ଆଗରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ମିଡିଆ ମ୍ୟାନେଜମେଣ୍ଟ କ୍ଷେତ୍ରରେ ମଧ୍ୟ ଅନେକ ଦୋଷତ୍ରୁଟି ରହିଯାଇଥିଲା। ନିର୍ବାଚନୀ ଇସ୍ତାହାର ପ୍ରଚାରରେ ବିଳମ୍ବ ହୋଇଥିଲା, ଯାହାକୁ ଦଳୀୟ ପ୍ରାର୍ଥୀ ଭୋଟରଙ୍କ ନିକଟରେ ପହଞ୍ଚାଇପାରି ନ ଥିଲେ। ଏହା ପରାଜୟର ଅନ୍ୟତମ କାରଣ ବୋଲି ଜିଲାର ମୁଖିଆଳମାନେ କହିଛନ୍ତି। ଜିଲା କଂଗ୍ରେସ ଉପସଭାପତି ସୁନୀଲ ଦାଶ, ପ୍ରେମଶଙ୍କର ମିଶ୍ର, ମହିଳା କଂଗ୍ରେସ ସଭାନେତ୍ରୀ ମମତାଞ୍ଜଳି ବେହେରା, ଏଆଇସିସି ସଭ୍ୟା ସୁବାସିନୀ ମହାକୁଡ, ଡା. ତୁଷାରକାନ୍ତି ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରିଥିଲେ।

ପ୍ରାରମ୍ଭରେ ବିଧାୟକ ପ୍ରାର୍ଥୀ ନବୀନ ନନ୍ଦ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ପ୍ରଦୀପ ପଟ୍ଟନାୟକ, ହାଇଦର ମହମ୍ମଦ, ଅମର ସେନାପତି, ବିକ୍ରମ ସ୍ୱାଇଁ ବୈଠକ ପରିଚାଳନାରେ ସହଯୋଗ କରିଥିବାବେଳେ ଜିଲା କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

କର୍ମୀ ଓ ନେତୃବୃନ୍ଦଙ୍କଠାରୁ ସମସ୍ତ ବିଷୟରେ ଅବଗତ ହେବାପରେ ପର୍ଯ୍ୟବେକ୍ଷକ ରାଉତରାୟ କହିଲେ, ୧୪୦ବର୍ଷର କଂଗ୍ରେସ ଦଳର ପରାଜୟ କ୍ଷଣସ୍ଥାୟୀ । ଦଳ ପୁଣି ସାଧାରଣ ଜନତାଙ୍କ ବିଶ୍ୱାସଭାଜନ ହେବ ବୋଲି ସେ କର୍ମୀଙ୍କୁ ଆଶ୍ୱାସନା ଦେଇଛନ୍ତି।

- ବୃଦ୍ଧଙ୍କୁ କଚାଡ଼ି ଦେଲା ଦନ୍ତା

# ୧୦ ଘଣ୍ଟା ପରେ ଉଦ୍ଧାର

**ପରଜଙ୍ଗ, ୨୩।୬(ଡି.ଏନ୍.ଏ.)**

- ଜଙ୍ଘରେ ସାଂଘାତିକ କ୍ଷତ
- ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଫରେଷ୍ଟର

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀ ଉତ୍ପାତ କମିବାର ନାଁ ଧରୁନି। ଶନିବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି ଖଣ୍ଡୁଆଳମୁଣ୍ଡା ଗ୍ରାମର ଭୋଳା ଭୂତିଆ (୬୦)। ତାଙ୍କ ବାମ ପାର୍ଶ୍ୱ ଜଙ୍ଘ ଭାଙ୍ଗିଯାଇଛି। ଦୀର୍ଘ ୧୦ ଘଣ୍ଟା ପରେ ଭୋଳାଙ୍କୁ ପରିବାର ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ପରିବାର ଲୋକଙ୍କ କହିବା କଥା, ଭୋଳା ଶନିବାର ସକାଳେ ମାଣ୍ଡିଆବୋଲ ଅଞ୍ଚଳରେ ମଇଁଷି ପଲକୁ ଚରିବାକୁ ଛାଡ଼ିଦେଇ ଚାଲିଆସିଥିଲେ। ମଧ୍ୟାହ୍ନରେ ମଇଁଷିଙ୍କୁ ଆଣିବାକୁ ଯାଇଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଦାନ୍ତରେ ଟେକିନେଇ କଚାଡ଼ି ଦେଇଥିଲା। ବୃଦ୍ଧଙ୍କ ଜଙ୍ଘ ଭାଙ୍ଗିଯାଇଥିବାବେଳେ ସେ ସେଠାରେ ପଡ଼ିରହି ଛଟପଟ ହେଉଥିଲେ। ସନ୍ଧ୍ୟା ସୁଦ୍ଧା ଭୋଳା ନ ଫେରିବାରୁ ପରିବାର ଲୋକେ ଖୋଜିବାକୁ ଯାଇଥିଲେ। ରାତି ୧୦ଟାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ମଣ୍ଡାପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଫରେଷ୍ଟର ରାମଚନ୍ଦ୍ର ରାଉତ ଡାକ୍ତରଖାନାରେ ପହଞ୍ଚି ଭୋଳାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ଡିହଡୋଳ ଫରେଷ୍ଟ ସେକ୍ସନ୍‌ରେ ହାତୀ ଉପଦ୍ରବ କମୁନାହିଁ। ହାତୀପଲ ନିକଟ ଜଙ୍ଗଲରେ ରହୁଛନ୍ତି। ଜଙ୍ଗଲ ପାଖ ଜମିରେ କିପରି ଚାଷ ହେବ ସେ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବର୍ଷେ ମଧ୍ୟରେ ହାତୀ ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଲେଣି। ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେହିପରି ଅସୁସ୍ଥତା ଏବଂ ଶିକାରୀଙ୍କ ଜାଲରେ ହାତୀଙ୍କ ମୃତ୍ୟୁ ଘଟିଛି। ଅଞ୍ଚଳରେ ହାତୀ-ମଣିଷ ସଂଘର୍ଷ ଉଗ୍ରରୂପ ଧାରଣ କରିଥିବାବେଳେ ଏହାକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଫଟୋରେ ଖବର



ଓଡ଼ିଶାକୁ ମୌସୁମୀ ଛୁଇଁବା ପରେ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି ବର୍ଷା। ଆକାଶ ମେଘୁଆ ରହିବା ସହ ପ୍ରଚଣ୍ଡ ରୌଦ୍ରତାପରୁ ଆଶ୍ୱସ୍ତି ମିଳିଛି। ଏହି ପରିପ୍ରେକ୍ଷୀରେ ଶନିବାର ଅପରାହ୍ନରେ କାମାକ୍ଷାନଗର ଅଞ୍ଚଳର ପଶ୍ଚିମ ଆକାଶରେ ପାହାଡ଼ର ଭ୍ରମ ସୃଷ୍ଟି କରିଛି କଳା ବାଦଲ।
(ଫଟୋ-ସୁଧୀର)

- ସଂକଳ୍ପ ସମାରୋହ

# 'ଶିକ୍ଷାୟତନରେ ଭାବଗତ ସମ୍ପର୍କ ବଢ଼ାଅ'



ସଂକଳ୍ପ ସମାରୋହରେ ପୁରାତନ ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ, ୨୩।୬**

ଢେଙ୍କାନାଳ ପୌରାଞ୍ଚଳସ୍ଥିତ ପୋଲିସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୭୮-୮୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ୪୦ବର୍ଷ ପୂର୍ତ୍ତି ଉପଲକ୍ଷେ ରବିବାର ସ୍ଥାନୀୟ ହୋଟେଲରେ ସଂକଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାୟତନରେ ଶିକ୍ଷାର୍ଥୀ-ଶିକ୍ଷକଙ୍କ ମଧ୍ୟରେ ଭାବଗତ ସମ୍ପର୍କ ବଢ଼ିଲେ ଭୟମୁକ୍ତ ପରିବେଶ ସୃଷ୍ଟି ହେବ। ଏହାଦ୍ୱାରା ଗୁଣାତ୍ମକ ଶିକ୍ଷା ଅଧିକ ଫଳପ୍ରସୂ ହେବ ବୋଲି ମତପ୍ରକାଶ ପାଇଥିଲା। ଛୋଟଛୋଟ ପିଲାମାନେ ସୋସିଆଲ ମିଡିଆ ସହିତ ଅତ୍ୟଧିକ ଜଡ଼ିତ ରହୁଛନ୍ତି। ଏହା ସେମାନଙ୍କ ମାନସିକତାକୁ ପ୍ରଭାବିତ କରୁଛି। ସୋସିଆଲ ମିଡ଼ିଆର ଉପକାରିତାକୁ ଗ୍ରହଣ କରିପାରିଲେ ଏହା ଶିକ୍ଷାର ଏକ ଅଙ୍ଗ ହୋଇପାରିବ ବୋଲି ଅତିଥିମାନେ କହିଥିଲେ।

ରାଜକିଶୋର ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ପୁରାତନ ଛାତ୍ରୀଛାତ୍ରମାନେ ଶିକ୍ଷାର ଉନ୍ନତି ପାଇଁ ସଂକଳ୍ପ ନେଇଥିଲେ। ଅବସର ପରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଲୋଚନା ମାଧ୍ୟମରେ ଏହାର ପ୍ରତିକାର କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ପୌରାଞ୍ଚଳର ସମସ୍ତ ୱାର୍ଡରେ ସୁସ୍ଥ ପରିବେଶ ସମ୍ପର୍କିତ ସଚେତନତାର ବାର୍ତ୍ତା ପ୍ରଚାର କରିବା, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା, ସାମର୍ଥ୍ୟ ଅନୁଯାୟୀ ସେବାମୂଳକ କାର୍ଯ୍ୟରେ ମନୋନିବେଶ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଏହି ଅବସରରେ ୪୦ବର୍ଷ ପୂର୍ତ୍ତିର ସ୍ମାରକୀ ସ୍ୱରୂପ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ସମସ୍ତ ଦିବଂଗତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସିକତା ଦାସ ଧନ୍ୟବାଦ ଦେଇଥିଲେ।

- ୯ ଦିନ ପରେ ଘୋଷଯାତ୍ରା

# ରଥ ପାଇଁ କାଠ ଅଭାବ

**ଢେଙ୍କାନାଳ ଅଫିସ, ୨୩।୬**



ପୁରୁଣା କାଠରେ ରଥ ନିର୍ମାଣ ଚାଲିଛି।

- ପ୍ରତିଶ୍ରୁତି ଅନୁଯାୟୀ ଦେଲାନି ବନ ବିଭାଗ: ଦେବୋତ୍ତର ନିରୀକ୍ଷକ
- ଚିରି ପାରିବେନି କହି ଆଳ ଦେଖାଉଛନ୍ତି: ଏସିଏଫ୍

ଶ୍ରୀ କଳାଠାକୁରଙ୍କ ପ୍ରସିଦ୍ଧ ଘୋଷଯାତ୍ରାକୁ ଆଉମାତ୍ର ୯ ଦିନ। ରଥ ନିର୍ମାଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା କଥା। ହେଲେ କାଠ ଅଭାବ ଯୋଗୁ ଢେଙ୍କାନାଳରେ ରଥ ନିର୍ମାଣ ଧିମେଇଛି। ଅନ୍ୟ ଉପାୟ ନ ଥିବାରୁ ରଥ କାମରେ ବ୍ୟବହୃତ ହେଉଛି ପୁରୁଣା କାଠ ରଥ। ଏପରି ଅବ୍ୟବସ୍ଥାର ସମାଧାନ କରିବା ପରିବର୍ତ୍ତେ ଦେବୋତ୍ତର ଏବଂ ବନ ବିଭାଗ ଏବେ ପରସ୍ପର ଉପରକୁ ଆରୋପ ପ୍ରତ୍ୟାରୋପ ଲଗାଇବା ଆରମ୍ଭ କରିଛନ୍ତି, ଯାହା ଜଗନ୍ନାଥପ୍ରେମୀଙ୍କୁ କ୍ଷୁବ୍ଧ କରାଇଛି।

ରଥଯାତ୍ରାକୁ ହାତଗଣତି ଦିନ ବାକିଥିବାବେଳେ ସ୍ଥାନୀୟ ରଥଗଡ଼ାରେ ଆରମ୍ଭ ହୋଇଛି ୨ ରଥର ନିର୍ମାଣ କାର୍ଯ୍ୟ। ହେଲେ ଏଥିରେ ବାଧକ ସାଜିଛି କାଠ ଅଭାବ। ରଥଯାତ୍ରା ପ୍ରସ୍ତୁତି ବୈଠକରେ ରଥ ନିର୍ମାଣ ପାଇଁ ଆବଶ୍ୟକ ଧଉରା, ଶାଳ କାଠ ଯୋଗାଇଦେବାକୁ ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ତଦନୁଯାୟୀ କାଠ ଆସିନାହିଁ। ତେଣୁ କାମ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ଏପରି ସ୍ଥିତିରେ ପୁରୁଣା କାଠକୁ ଭରସା କରିଛି ଦେବୋତ୍ତର ବିଭାଗ। ଆସନ୍ତା ବର୍ଷ ଏହି ସମସ୍ୟା ଆହୁରି ଜଟିଳ ହୋଇଯିବା ଆଶଙ୍କା ରହିଛି।

ଚଳିତବର୍ଷ ରଥ ନିର୍ମାଣ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ବନ ବିଭାଗକୁ ୧୮୦ ଶିଫ୍ଟ ଶାଳ କାଠ, ୨୨୫ ଶିଫ୍ଟ ଧଉରା କାଠ ଯୋଗାଇ ଦେବାକୁ କୁହାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧୧୦ ଶିଫ୍ଟ ଶାଳକାଠ ଏବଂ ୧୨୫ ଶିଫ୍ଟ ଧଉରା କାଠ ଆସିଛି। ଅଳ୍ପ କିଛି କାଠ ବାହାରୁ କିଣିବାକୁ ପଡିଛି। ପ୍ରତିବର୍ଷ ବନ ବିଭାଗ ପକ୍ଷରୁ କାଠ ଯୋଗାଣ ସମୟରେ ଏକ ମାମଲା ରୁଜୁ କରାଯାଇ ପ୍ରାୟ ଅଢ଼େଇ ହଜାର ଟଙ୍କା ଡିପୋଜିଟ୍ କରିବା ପରେ ଆବଶ୍ୟକ କାଠ ମିଳୁଥିଲା। ଚଳିତ ବର୍ଷ ରୟାଲ୍‌ଟି ବାବଦରେ ଦେବୋତ୍ତର ବିଭାଗଠାରୁ ବନ ବିଭାଗ ୭୫ହଜାର ଟଙ୍କା ନେଇଥିବା ଚର୍ଚ୍ଚା ହେଉଛି। ପ୍ରସ୍ତୁତି ବୈଠକରେ ନିର୍ଦ୍ଧାରିତ ସମୟରେ କାଠ ଯୋଗାଣ ଏବଂ ରଥ ନିର୍ମାଣ କାର୍ଯ୍ୟ କରିବା ପାଇଁ ଜିଲାପାଳଙ୍କ ଉପସ୍ଥିତିରେ ଉଭୟ ବିଭାଗ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମନ୍ୱୟ ଅଭାବରୁ ଏଥିରେ ବ୍ୟତିକ୍ରମ ହୋଇଛି।

ଏ ସଂକ୍ରାନ୍ତରେ ରଥ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କୁହନ୍ତି, ବନ ବିଭାଗ ପ୍ରତିଶ୍ରୁତି ଅନୁଯାୟୀ କାଠ ଯୋଗାଣ କରିନାହିଁ। କିଛି ପରିମାଣର କାଠ ବାହାରୁ କିଣାଯାଇଛି। କାଠ ଅଭାବ ଥିବାରୁ ପୁରୁଣା କାଠ ବ୍ୟବହାର କରାଯାଇଛି। ପ୍ରଥମ ଥର ରୟାଲ୍‌ଟି ଦେଇ କାଠ ଅଣାଯାଇଛି। ଏ ସମ୍ପର୍କରେ ଦେବୋତ୍ତର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏ ନେଇ ସହକାରୀ ବନ ସଂରକ୍ଷକ (ଏସିଏଫ୍) ଜିତେନ୍ଦ୍ରନାଥ ଦାସ କୁହନ୍ତି, ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଆବଶ୍ୟକ କାଠ ଦେବା ଲାଗି ସମସ୍ତ ପ୍ରସ୍ତୁତି କରାଯାଇଛି। ଦେବୋତ୍ତର ବିଭାଗ କାଠ ଚିରି ପାରିବନି ବୋଲି କହୁଛି। ତେଣୁ ମହଜୁଦ୍ କାଠ ନେଉ ନ ଥିବା ସେ କହିଛନ୍ତି। ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁଯାୟୀ ଗଠିତ କମିଟି ସଦସ୍ୟ ଏବଂ ଅଧିକାରୀ ନିର୍ଦ୍ଧାରିତ ସମୟରେ ସମୀକ୍ଷା କରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସାଧାରଣରେ ଆଲୋଚନା ହେଉଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ଜୁନ ୨୪ /୨୦୧୯ Dhenkanal, Monday, June 24 / 2019

# ଅନୁଗୋଳ ପୋଲିସରେ ଅଦଳବଦଳ

**ଅନୁଗୋଳ ଅଫିସ, ୨୩।୬**

ଅନୁଗୋଳ ଜିଲା ପୋଲିସରେ ଶନିବାର ରାତିରେ ୧୬ ଜଣ ଅଧିକାରୀଙ୍କ ଅଦଳବଦଳ ହୋଇଛି। ସେମାନଙ୍କ ମଧ୍ୟରେ ୪ ଜଣ ଇନ୍ସପେକ୍ଟର, ୫ ଜଣ ସବ୍ ଇନ୍ସପେକ୍ଟର ଓ ୭ ଜଣ ଏଏସ୍ଆଇ ରହିଛନ୍ତି।

ଜିଲା ପୋଲିସ ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ସତ୍ୟବ୍ରତ ରାଉତଙ୍କୁ ଛେଣ୍ଡିପଦା ଥାନାକୁ ବଦଳି କରାଯାଇଛି। ବଅଁରପାଳ ଥାନା ଅଧିକାରୀ କନକ କୁମାର ମାଝିଙ୍କ ପାଲଲହଡ଼ା ଥାନା ଅଧିକାରୀ ଭାବେ ବଦଳି ହୋଇଛି। ସେହିପରି ସମଲ ଥାନା ଅଧିକାରୀ ସୁନୀଲ କୁମାର କରଙ୍କୁ ବଅଁରପାଳ ଥାନା ଏବଂ ଛେଣ୍ଡିପଦା ଥାନା ଅଧିକାରୀ ପ୍ରିୟବ୍ରତ ଦାସଙ୍କୁ ଆଠମଲ୍ଲିକ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ଜିଲା ପୋଲିସ ମୁଖ୍ୟାଳୟରେ ଥିବା ସବଇନ୍ସପେକ୍ଟର କଳାକାର ନାୟକଙ୍କୁ ଅନୁଗୋଳ ଟ୍ରାଫିକକୁ ବଦଳି ହୋଇଥିବାବେଳେ ଅମୁନସେନ୍ କିରୋଙ୍କୁ ଜିଲା ମୁଖ୍ୟାଳୟରୁ ନାଲକୋ ଥାନା, ଦୀନକୃଷ୍ଣ ମିଶ୍ରଙ୍କୁ ଜିଲା ପୋଲିସ ମୁଖ୍ୟାଳୟରୁ ସାଇବର ସେଲ, କ୍ଷୀତିଶ ପାତ୍ରଙ୍କୁ ଆଠମଲ୍ଲିକ ଥାନାରୁ ସମଲ ଥାନା, ଆଶିଷ କୁମାର ଜେନାଙ୍କୁ ନାଲ୍କୋ ଥାନାରୁ ବିକ୍ରମପୁର ଥାନାକୁ ବଦଳି କରାଯାଇଛି। ସେହିପରି ଏଏସ୍ଆଇ ଶୁଭେନ୍ଦୁ କୁମାର ଧୀରଙ୍କୁ ଛେଣ୍ଡିପଦା ଥାନାରୁ ଆଠମଲ୍ଲିକ କୋର୍ଟ, ମୀରଜା ଅନ୍‌ୱରଙ୍କୁ ଜିଲା ମୁଖ୍ୟାଳୟରୁ ଜିଲା ରିଜର୍ଭ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସରୋଜିନୀ ବାଗଙ୍କୁ ନାଲ୍‌କୋ ଥାନାରୁ ଜିଲା ପୋଲିସ ମୁଖ୍ୟାଳୟ, ଅଜୟ କୁମାର ସାହୁଙ୍କୁ ଜିଲା ପୋଲିସ ମୁଖ୍ୟାଳୟରୁ ସମଲ ଥାନା, ସନାତନ ମହାରଣାଙ୍କୁ ଜିଲା ପୋଲିସ ମୁଖ୍ୟାଳୟରୁ ତାଳଚେର ଏସଡିପିଓ କାର୍ଯ୍ୟାଳୟ, ପ୍ରଦୀପ କୁମାର ପଟ୍ଟନାୟକଙ୍କୁ ପାଲଲହଡ଼ା କୋର୍ଟରୁ ପାଲଲହଡ଼ା ଥାନାକୁ ପଠାଯାଇଛି। ସେହିପରି ରୁଷିନ୍ଦ୍ରା ପ୍ରଧାନଙ୍କୁ ପାଲଲହଡ଼ା ଥାନାରୁ ପାଲଲହଡ଼ା କୋର୍ଟକୁ ବଦଳି କରାଯାଇଥିବା ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।




■ ନାଲ୍‌କୋ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନରେ ଫାଟ

# ଏଏମ୍ଏସରେ ହେଲାନି କର୍ମକର୍ତ୍ତା ନିର୍ବାଚନ

**ବଅଁରପାଳ, ୨୩।୬(ଡି.ଏନ.ଏ.)**

ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ସ୍ୱୀକୃତି ପ୍ରାପ୍ତ ଶ୍ରମିକ ସଙ୍ଗଠନ ଆଲୁମିନିୟମ ମଜଦୁର ସଂଘ (ଏଏମ୍ଏସ୍)ରେ କିଛି ଦିନ ହେଲା ଫାଟ ସୃଷ୍ଟି ହୋଇଛି। ଏଥିଯୋଗୁ ସଂଘ ୨ ଗୋଷ୍ଠୀରେ ପରିଣତ ହେବା ସହ ସଭାପତି ଓ ସମ୍ପାଦକ ପଦବୀକୁ ନେଇ ବିବାଦ ଦେଖାଦେଇଛି। ଏ ନେଇ ହାଇକୋର୍ଟରେ ମାମଲା ହେବା ପରେ ୧୪ ଦିନ ମଧ୍ୟରେ ପୁନଃ ନିର୍ବାଚନ କରି କର୍ମକର୍ତ୍ତା ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏହି ମହଲତ ପୂରିଥିଲେ ମଧ୍ୟ ନିର୍ଦ୍ଦେଶ ପାଳନ କରାଯାଇ ନ ଥିବା ଜଣାପଡିଛି।


W.P.(C) No. 10299 of 2019

| Date of Order | ORDER WITH SIGNATURE | Office note as to action (if any) taken on Order |
| --- | --- | --- |
| 11.06.2019 | Heard learned counsel for the petitioner. The petitioner in this writ application prays for a direction to opposite party no.2 to hold the election of the Executive Committee of Aluminium Majdoor Sangh, Smelter Plant, Nalco Nagar, Angul within a time frame. Learned counsel for the petitioner submits that highlighting the grievance as has been made in this writ petition, the petitioner has filed a representation before the Assistant Labour Commissioner, Nalconagar, Angul on 27.03.2019 under Annexure-5, which is still pending. Therefore, he prays that a direction may be issued to the said authority to dispose of the same. Considering the above limited grievance of the petitioner and without going into the merit of the case, we dispose of the writ petition directing Assistant Labour Commissioner, Nalconagar, Angul to consider the representation of the petitioner under Annexure-5 within a period of two weeks from today, on production of the certified copy of the order. Sd/- S. Panda, V.J Sd/- P. Patnaik, V.J | |

ହାଇକୋର୍ଟଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା।

ସୂଚନା ମୁତାବକ, ପୂର୍ବରୁ ସୁବାସ ଚନ୍ଦ୍ର ସାହୁ ସଭାପତି ଓ ସାଧାରଣ ସମ୍ପାଦକ ଭାବେ ରମେଶ ଚନ୍ଦ୍ର ବେହେରା ମନୋନୀତ ହୋଇଥିଲେ। ବିବାଦ ପରେ ଅନ୍ୟ ଏକ ଗୋଷ୍ଠୀ ସୃଷ୍ଟି ହେବାରୁ ଏହାର ସଭାପତି ଭାବେ ମୁନା ସାମଲ ଓ ସାଧାରଣ ସମ୍ପାଦକ ଭାବେ ଗୋପାଳ ଚନ୍ଦ୍ର ମଲ୍ଲିକଙ୍କୁ ଏହି ଗୋଷ୍ଠୀ ଚୟନ କରିଥିଲା। ଉଭୟ ଗୋଷ୍ଠୀ ନାଲ୍‌କୋ କର୍ତ୍ତୃପକ୍ଷଙ୍କଠାରେ ନିଜର ପଦବୀକୁ ଜାହିର କରି ସାରିଛନ୍ତି। ଇତି ମଧ୍ୟରେ ନାଲ୍‌କୋ କର୍ତ୍ତୃପକ୍ଷ ଗୋଟିଏ ଗୋଷ୍ଠୀକୁ ନାଲ୍‌କୋର ଏକ ବୈଠକକୁ ଡାକିବା ପରେ ଅନ୍ୟ ଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକୃତ ମାନ୍ୟତା କେଉଁ ଗୋଷ୍ଠୀକୁ ଦିଆଯିବ ସେ ନେଇ

**■ ୧୪ ଦିନର ମହଲତ ସରିଲା**

**■ ପାଳନ ହେଲାନି ହାଇକୋର୍ଟଙ୍କ ନିର୍ଦ୍ଦେଶ**

ମୁନା ସାମଲଙ୍କ ଗୋଷ୍ଠୀ ପକ୍ଷରୁ ଶ୍ରମି ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। କୌଣସି ସମାଧାନ ନ ହେବାରୁ ସମ୍ପୃକ୍ତ ଗୋଷ୍ଠୀ ପକ୍ଷରୁ ଗୋପାଳକୃଷ୍ଣ ମଲ୍ଲିକ, ସଞ୍ଜୟ ଦେହୁରୀ, ଶିବରାମ ସେଠୀ, ବରୁଣ କୁମାର ବେହେରା ପ୍ରମୁଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୧୦ ତାରିଖରେ ହାଇକୋର୍ଟ ଦେଇଥିବା ଅର୍ଡର ନଂ ଡବ୍ଲ୍ୟୁପି/ସି କେସ୍ ନଂ. ୧୦୨୯୯/୧୯ରେ ଏହାର ଶୁଣାଣି କରିଥିଲେ। ୧୪ ଦିନ ମଧ୍ୟରେ ନିର୍ବାଚନ କରି କର୍ମକର୍ତ୍ତା ଚୟନ କରାଯିବାକୁ ନାଲ୍‌କୋନଗର ସହକାରୀ ଶ୍ରମ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏହା ହୋଇ ନ ଥିବା ଜଣାପଡିଛି।

ଏ ନେଇ ରମେଶ ଚନ୍ଦ୍ର ବେହେରା କହିଛନ୍ତି, ସଂଘର କର୍ମକର୍ତ୍ତା ଚୟନ ହୋଇଥିଲା। ତେବେ ପ୍ରକୃତ କର୍ମକର୍ତ୍ତା ମାନ୍ୟତା ପାଇଁ ହାଇକୋର୍ଟରେ କେତେଜଣ ମାମଲା କରିଛନ୍ତି। ଆଇନ ଅନୁସାରେ ଯାହା ସମାଧାନ ହେବ। ମୁନା ସାମଲ କୁହନ୍ତି, ସଂଘର କର୍ମକର୍ତ୍ତା ଚୟନ ଠିକ୍ ଭାବେ ହୋଇ ନ ଥିଲା। ତେଣୁ ହାଇକୋର୍ଟରେ ମାମଲା କରାଯାଇଛି। ଅନୁଗୋଳ ଶ୍ରମ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ କୁହନ୍ତି, କୌଣସି ନିର୍ଦ୍ଦେଶାନାମା ବିଷୟରେ ଜାଣିନାହିଁ। ପରେ ବୁଝି କହିବି।







See Career Appointment on every Wednesday & Saturday




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ